## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ପୋଲିସର ତଦନ୍ତ

କୋକସରା,୧୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମୋଟେର ପୋଲିସ ଫାଣ୍ଡି ଚାରବାହାଲ ପଞ୍ଚାୟତ ଘୁମରଗୁଡା ଗ୍ରାମ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଖଗେଶ୍ୱର ଘି (୨୫)। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ସୂଚନା ମତେ ମୋଟେର ପୋଲିସ ଫାଣ୍ଡି ଘୁମରଗୁଡା ଗ୍ରାମର ଖଗେଶ୍ୱର ରବିବାର ଅପରାହ୍ଣରେ ଘରୁ ବାହାରି ଆଉ ଫେରି ନ ଥିଲେ। ସୋମବାର ସକାଳୁ ତାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଚାଷଜମି ନିକଟରେ ଥିବା ଏକ ଗଛରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଗଛରେ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକ ଦେଖି ଯୁବକଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରି ମୋଟେର ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ମୋଟେର ଫାଣ୍ଡି ପୋଲିସ ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୩) ରୁଜୁ ହୋଇଛି।

### କେସିଙ୍ଗାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

କେସିଙ୍ଗା,୧୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚଳିତ ରଥଯାତ୍ରା ସଫଳ ରୂପାୟନ ପାଇଁ ଏକ ସମନ୍ୱୟ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ଡ଼ା ହେମସାଗର ସାହାଙ୍କ ଅନୁପସ୍ଥିତରେ ନଗରପାଳ ନୃପରାଜ ଯାଦବ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଅଞ୍ଚଳର ଜଗନ୍ନାଥ ପ୍ରେମୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକଙ୍କ ସହିତ ବିଭିନ୍ନ ପୂଜା କମିଟି ମଧ ଯୋଗଦେଇଥିଲେ। ମନ୍ଦିର ପରିଚାଳନା କମିଟି ସମ୍ପାଦକ ହରିଶଙ୍କର ଭୋଇ ବୈଠକରେ ସ୍ୱାଗତ କରିଥିବା ବେଳେ ବରିଷ୍ଠ ସଭ୍ୟ ରମେଶ ଜେନା ସଭା ପରିଚାଳନା କରିଥିଲେ। ନବଦିନାତ୍ମକ ଘୋଷ ଯାତ୍ରାକୁ କିପରି ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରାଯାଇପାରିବ ସେହି ବିଷୟରେ ଆଲୋଚନା ହୋଇଥିଲା। କେସିଙ୍ଗାରେ ଦୀର୍ଘଦିନ ହେଲା ରଥଯାତ୍ରା ପାଳନ କରାଯାଉଥିଲେ ମଧ ମାଉସି ମା' ମନ୍ଦିର ନ ଥିବାରୁ ସ୍ଥାନୀୟ ଗୌରୀଶଙ୍କର ମନ୍ଦିରକୁ ଅସ୍ଥାୟୀ ମାଉସୀ ମା' ମନ୍ଦିର କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ବୈଠକରେ କେସିଙ୍ଗା ସହର ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଜୟ ଭଗବାନ ଜୈନ (ପପ୍ପୁ ଭାଇ) ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ପାଞ୍ଚ ଡେସିମିଲ ଜମି ଦାନ କରିବା ପାଇଁ ଘୋଷଣା କରିଛନ୍ତି। ଏହାକୁ କେସିଙ୍ଗାବାସୀ ଆନନ୍ଦରେ ଗ୍ରହଣ କରିଛନ୍ତି। ବୈଠକ ପୂର୍ବରୁ ଗତ ୯ ତାରିଖରେ ବିଭିନ୍ନ ବିଭାଗ ଅଧିକାରୀ ଓ ପ୍ରଶାସନକୁ ନେଇ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ ରହିଥିବା କେସିଙ୍ଗା ଥାନାଧିକାରିଣୀ ପ୍ରକାଶ କରିଛନ୍ତି।

# ଅଟୋ ସିଗନାଲ ନାହିଁ, ମାନୁଆଲରେ ଚାଲିଛି

**କଳାହାଣ୍ଡି ଜିଲା**
- ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳ ବିଭାଗ ଉଦାସୀନ
- ଜିଲାରେ ଅଟକି ରହିଛି ଅନେକ ପ୍ରସ୍ତାବିତ ପ୍ରକଳ୍ପ




ଭବାନୀପାଟଣା,୧୨।୬(ସ୍ୱ.ପ୍ର.) କଳାହାଣ୍ଡି ଜିଲାରେ ରେଳ ବିଭାଗ ଯାତ୍ରୀଙ୍କ ସୁରକ୍ଷା ପାଇଁ କେତେ ଉଦାସୀନତା, ତାହାକୁ ନେଇ ସାଧାରଣରେ ଏବେ ଉଦ୍‌ବେଗ ପ୍ରକାଶ ପାଇଛି। ରେଳ ବିଭାଗ ପକ୍ଷରୁ ଜିଲାରେ ପ୍ରସ୍ତାବିତ ବହୁ ପ୍ରକଳ୍ପ ଅଟକିଛି। ଜିଲାର ଷ୍ଟେଶନଗୁଡ଼ିରେ ଅଟୋ ସିଗନାଲ ବ୍ୟବସ୍ଥା ନାହିଁ। ଏହା କେବଳ ମାନୁଆଲ ଭାବେ ଚାଲିଛି। ରେଳ ବିଭାଗର ଆଧୁନିକୀକରଣ ଜିଲାରେ ଫେଲ ମାରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ଯାତ୍ରୀଙ୍କ ସୁରକ୍ଷା ପାଇଁ କ୍ଷେତ୍ର କର୍ମଚାରୀ ନିୟମିତ ରେଳ ଟ୍ରାକ ପରିଦର୍ଶନ କରୁନାହାନ୍ତି। ଲାଞ୍ଜିଗଡ଼ ରୋଡ଼-ଜୁନାଗଡ଼ ରୋଡ଼ ବିଭାଗରେ ଆବଶ୍ୟକ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇ ନାହିଁ। ଯେଉଁଠି ଟ୍ରାଫିକ କମ ରହିଛି, ସେଠାରେ ଅଧିକ କର୍ମଚାରୀ ନିୟୋଜିତ ଥିବାବେଳେ ଅଧିକ ଟ୍ରାଫିକ ଥିବା ସ୍ଥାନରେ ଆବଶ୍ୟକତାଠାରୁ କମ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅଧିକାରୀ ଓ କର୍ମଚାରୀମାନେ ଲାଞ୍ଜିଗଡ଼ ରୋଡ-ଜୁନାଗଡ଼ ରୋଡରେ ସୁରକ୍ଷା ବ୍ୟବସ୍ଥା ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। ଜିପିଏସ୍ ଟ୍ରାକିଂ ସିଷ୍ଟମ୍ ଓ ମନିଟରିଂ ଠିକ୍ ଭାବେ କାମ କରୁନାହିଁ। ପରମାନନ୍ଦପୁର ଗ୍ରାମ, ଭବାନୀପାଟଣା ଜାତୀୟ ରାଜପଥ ୨୬ରେ ଓ ଗୋହିରାପଦର ନିକଟ ଗୁଗୁବାହାଲି ଗ୍ରାମରେ ଏସଏଚ ୬ଏରେ କୌଣସି ରୋଡ ଓଭର ବ୍ରିଜ ନାହିଁ। ଏଥିପାଇଁ ୧୯୯୪ରେ ଜମି ଅଧିଗ୍ରହଣ ହୋଇଛି। ୧୯୯୫ରେ ଲାଞ୍ଜିଗଡ଼ ରୋଡ-ଜୁନାଗଡ଼ ରୋଡ଼ ରେଳପଥ ପାଇଁ ନିର୍ମାଣ ବିଭାଗ ଡେପୁଟି ଚିଫ ଇଞ୍ଜିନିୟର ରାୟଗଡାକୁ ଜମି ହସ୍ତାନ୍ତର କରିଛି। ଭଙ୍ଗାବାରୀ ଓ ପରମାନନ୍ଦପୁର ଗାଁର ରେଲୱେର ବିନା ଅନୁମତିରେ ପୂର୍ତ୍ତବିଭାଗ ଏହା ଉପରେ ରାସ୍ତା ନିର୍ମାଣ କରିଥିବାରୁ ସିଗନାଲ ସିଷ୍ଟମର ଗ୍ରାଉଣ୍ଡ କେବୁଲ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ପ୍ରାୟ ସମସ୍ତ ସୀମିତ ଉଚ୍ଚତା ସେୱେ ଏଲଏଚଏସ ଖରାପ ଅବସ୍ଥାରେ ରହିଛି। ଗ୍ରୀଷ୍ମ ଋତୁରେ ମଧ ଉଦେପୁର ଗ୍ରାମରେ ଏଲଏଚଏସରେ ପାଣି ଜମି ରହୁଛି। ଏଥିପ୍ରତି କାହାରି ନିଘା ନାହିଁ। ଲାଞ୍ଜିଗଡ ରୋଡ଼-ଜୁନାଗର ରୋଡ଼, ଜି. ରାମଚନ୍ଦ୍ରପୁର, ଦେପୁର, କୁଟ୍ରୁଖମାରରେ ନିର୍ମାଣ ହୋଇଥିବା କ୍ୱାର୍ଟରଗୁଡ଼ିକୁ କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ବଣ୍ଟନ କରାଯାଇନାହିଁ। ଏଥିଯୋଗୁଁ କର୍ମଚାରୀ ପ୍ରାୟତଃ ରହୁନାହାନ୍ତି। କେବଳ ଡ୍ୟୁଟି ସମୟରେ ଆସି ଫେରି ଯାଉଛନ୍ତି। ଭବାନୀପାଟଣା ରେଳ ଷ୍ଟେଶନର ନବୀକରଣ ନିମନ୍ତେ ଅର୍ଥମଞ୍ଜୁର ହୋଇଥିଲେ ମଧ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଏଥିନିମନ୍ତେ ୨୦୨୨ ଅକ୍ଟୋବରରେ ଟେଣ୍ଡର ମଧ ଆହ୍ୱାନ ସରିଛି। ନର୍ଲାରୋଡ଼ରେ ପ୍ରସ୍ତାବିତ ଓଭର ବ୍ରିଜ ମଧ ରେଳ ବିଭାଗର ମଞ୍ଜୁରି ଅପେକ୍ଷାରେ ଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ଲାଞ୍ଜିଗଡ ରୋଡ୍‌ରୁ ଭବାନୀପାଟଣା ପର୍ଯ୍ୟନ୍ତ ୩୫ କି.ମି. ପ୍ରତିଘଣ୍ଟା ଟ୍ରେନର ଗତି ଥିବାବେଳେ ଭବାନୀପାଟଣାରୁ ଜୁନାଗଡ଼ ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୭୫ କି.ମି. ବେଗ ନିର୍ଘଣ୍ଟ ହୋଇଛି। ରେଲୱେ ଗାଇଡ୍ ଲାଇନ ଅନୁଯାୟୀ ସର୍ବନିମ୍ନ ଘଣ୍ଟା ପ୍ରତି ୧୩୦ କି.ମି. ଟ୍ରେନର ଗତି ଥିବାବେଳେ ଏଠାରେ ଧାର୍ଯ୍ୟ ନିର୍ଘଣ୍ଟରୁ ମଧ କମ ଗତି ତଦନ୍ତ ସାପେକ୍ଷ । ଜି.ରାମଚନ୍ଦ୍ରପୁର, ଦେପୁର ଏବଂ କୁଟ୍ରୁଖମାରରେ ଥିବା ପ୍ଲାଟଫର୍ମ ହଲ୍ଟଗୁଡିକୁ ଏ ପର୍ଯ୍ୟନ୍ତ ରେଳ ଷ୍ଟେଶନର ନବୀକରଣ ହୋଇନାହିଁ। ଏଥିଯୋଗୁ ଟ୍ରେନ କ୍ରସିଂ ନିମନ୍ତେ ଭବିଷ୍ୟତରେ ସମସ୍ୟା ଦେଖାଦେବ। ମାଲଗାଁ ପଞ୍ଚାୟତ ଅନ୍ତର୍ଗତ କର୍ଲାକୋଟ ଗ୍ରାମରେ ୬ଟି ଗାଁ ରାସ୍ତା ସଂଯୋଗ ହେଉଛି। ଏଲଏଚଏସ ସୀମିତ ଉଚ୍ଚତା ସବୱେର ଉଭୟ ପାର୍ଶ୍ୱରେ ଏପ୍ରୋଚ ରାସ୍ତା ନାହିଁ। ରେଳ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଜିଲାର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ୫ ଦିନିଆ ଆମ୍ବ ମେଳା ଉଦ୍‌ଘାଟିତ




ଅଧିକାରୀ ଓ ଆମ୍ବ ଚାଷୀମାନେ।

ନୂଆପଡ଼ା ଅଫିସ,୧୨।୬ ନୂଆପଡା ଜିଲା ପରିଷଦ ପ୍ରାଙ୍ଗଣରେ ଓରମାସ ଓ ଜିଲା ପ୍ରଶାସନ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ସୋମବାର ଆମ୍ବ ମେଳା ଉଦଘାଟିତ ହୋଇଯାଇଛି। ଏହି ମେଳା ଆସନ୍ତା ୧୬ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବ। ଓରମାସ ମୁଖ୍ୟ ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନଙ୍କ ତ୍ୱତାବଧାନରେ ଆୟୋଜିତ ଆମ୍ବ ମେଳାରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉନ୍ନୟନ ମୁଖ୍ୟ ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ହରେକୃଷ୍ଣ ହସଦା, ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ ସାହୁ, ଏପିଡି ବିଦେଶ ଘୋଷ, ଜିଲାପାଳ ପ୍ରତିନିଧି ଲୋପାମୁଦ୍ରା ସାମଲ ଯୋଗ ଦେଇଥିଲେ। ଆମ୍ବମେଳାରେ ଜିଲାର କୌଣଅନୁକୋଣରୁ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ଓ ଆମ୍ବ ଚାଷୀମାନେ ବିଭିନ୍ନ କିଷମର ଆମ୍ବ ଆଣି ବିକ୍ରୟ କରୁଛନ୍ତି। ଏଠାରେ ବମ୍ବେଗ୍ରୀନ, ବାଇଗନ ଫଲି, ବାଇଗନ ପଲେଇ, ଦଶରି, ଆମ୍ରଫଳି, ମଲ୍ଲିକା, ତୋତାଫଳି, ଗୋପାଳଭୋଗ, ସୁବର୍ଣ୍ଣରେଖା ଇତ୍ୟାଦି ଅନେକ ପ୍ରକାର ଆମ୍ବ ବିକ୍ରି କରାଯାଉଛି। ସତେଜ ଓ ସ୍ୱାଦିଷ୍ଟ ହୋଇଥିବାରୁ ଆମ୍ବର ଚାହିଦା ରହିଛି। ସୁଲଭ ମୂଲ୍ୟରେ ବିକ୍ରୟ କରାଯାଉଥିବାରୁ ଗ୍ରାହକମାନେ ମନ ଇଚ୍ଛା କିଣି ନେଉଛନ୍ତି। ଆମ୍ବ ସହ ଆମ୍ବର ଖଟା, ମିଠା ଆଚାର ମଧ୍ୟ ବିକ୍ରୟ ହେଉଛି।

# ୫୬୩ ଅଭିଯୋଗରୁ ୮୧ ତୁରନ୍ତ ସମାଧାନ



ବ୍ଲକ ଅଧକ୍ଷ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଗୋଲାମୁଣ୍ଡା,୧୨।୬(ଡି.ଏନ.ଏ.) କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ସୋମବାର ଚହକା ଗ୍ରାମପଞ୍ଚାୟତର ୧୧ଟି ୱାର୍ଡ ଚହକା, ପୁର୍ଣ୍ଣାପାଣି, ସିଆଳୟୁଡଙ୍ଗି, ଧଅାଁରାମାଲ, କୁଟ୍ରାବାହାଲି ସମେତ ୫ଟି ଗାଁକୁ ଯାଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି। ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଭତ୍ତା ୨୫୦ରୁ ୫୦ଟି ସମାଧାନ, ପିଇବା ପାଣି ସମସ୍ୟା ୧୫ଟି ଅଭିଯୋଗ ୫ଟିର ସମାଧାନ, ତହସିଲ ସମ୍ବନ୍ଧୀୟ ୨୫ରୁ ୫ ସମାଧାନ, ଆବାସ ଗୃହ ସମସ୍ୟା ୧୦୦ଟିରୁ ୧୦ଟି ସମାଧାନ, ପିଡିଏସ ଚାଉଳ ୫୦ଟି ଅଭିଯୋଗ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ୧୦ରୁ ୧ଟି ସମାଧନ, ବିଦ୍ୟୁତ୍ ବିଭାଗର ୧୦୦ ଅଭିଯୋଗ, ସ୍ୱାସ୍ଥ୍ୟ ବିଭାଗରୁ ୩ ଅଭିଯୋଗ, ମିଶନ ଶକ୍ତି ବିଭାଗରୁ ୧୦ଟି ଅଭିଯୋଗ, ବନବିଭାଗରୁ ୩ଟି ଅଭିଯୋଗ ସମୁଦାୟକୁ ୫୬୩ଟିରୁ ୮୧ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଅଶୋକ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପର୍ଶୁରାମ ନାଏକ, ମିଶନ ଶକ୍ତି ବିପିଏମ୍ ସୁଧାଂଶୁ ବିଶ୍ୱାଳ, ଆବାସ ଯୋଜନା ବିଏଲ୍ସିଦିନେଶ ପାନକା, ସାମାଜିକ ସୁରକ୍ଷା ବିଭାଗରୁ ପିତାମ ନାଏକ, ସରପଞ୍ଚ ହେମବନ୍ତି ତାଣ୍ଡି, ପିଇଓ ଗିରିଶ ଚନ୍ଦ୍ର ଶବର, ବଡଚେରଗାଁ ମହିଳା ପରିଦର୍ଶିକା ଚନ୍ଦ୍ରିକା ଦୁର୍ଗା ଓ ରାଜସ୍ୱ ନିରୀକ୍ଷକ ଗଗନ ବିହାରୀ ସାହୁ, ଜିଆରଏସ ନମିଶ କୁମାର ସାହୁ, ସ୍ୱାସ୍ଥ୍ୟ ବିଭାଗରୁ ଡ.କୃଷ୍ଣ ମୋହନ ପାତ୍ର, ନାଏବ ସରପଞ୍ଚ ଲୋଚନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜନତାଙ୍କ ଦ୍ୱାର ମୁହଁରେ ସେବା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇପାରୁଛି ବୋଲି ବ୍ଲକ ଅଧକ୍ଷ ମହାନନ୍ଦ ପ୍ରକାଶ କରିଛନ୍ତି।

# ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦର ନୂତନ କର୍ମକର୍ତ୍ତା

କେସିଙ୍ଗା,୧୨।୬(ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦ ଡମ୍ବ ସମାଜର ନୂତନ କର୍ମକର୍ତ୍ତା ଚୟନ କନ୍ତେଶିର ଏମ୍‌ଆଇପି ଯୋଜନାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅନ୍ତର୍ଗତ ସମସ୍ତ ଜୋନ୍‌ସ୍ତରୀୟ କର୍ମକର୍ତ୍ତା, ବରିଷ୍ଠ ସମାଜସେବୀ ଉପସ୍ଥିତ ରହିଥିଲେ। ସଭାପତି ଭାବେ କ୍ଷେତ୍ରମଣି ସେନାପତି, ଉପସଭାପତି ଭାବେ ଅନଙ୍ଗ ତାଣ୍ଡି, ବାପି ବେହେରା, ଗୋପାଳ ନାଏକଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ଦୁଃଖୀରାମ କୁମାର, ସହସମ୍ପାଦକ ଭାବେ ବଳଦେବ ହରପାଲ, ଗଜାନନ ସୁନାନୀଙ୍କୁ ଦାଇତ୍ୱ ଦିଆଯାଇଛି। ସେହିପରି ସଂଯୋଜକ ଭାବେ ବିପିନ ବିହାରୀ ତାଣ୍ଡି, ସାମାଜିକ ଗଣମାଧମ ମୁଖ୍ୟ ଭାବେ ଜଗନ୍ନାଥ ସୁନା, କୋଷାଧକ୍ଷ ଭାବେ ସୁଜନ ଛତ୍ରୀୟା, ଆଇନ ପରାମର୍ଶ ଦାତା ଭାବେ ହରିପ୍ରସାଦ ତାଣ୍ଡି ଓ କୃଷ୍ଣ ଚନ୍ଦ୍ର ନାଗଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି ଅନ୍ୟ ୧୧ଜଣଙ୍କୁ ଉପଦେଷ୍ଟା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଏହି କମିଟି ଏକ ନୂତନ ୱାଟସଅପ ଗ୍ରୁପ ଖୋଲି ସମାଜର ମୁଖ୍ୟ ଧାରାରେ ସମସ୍ତ ସମାଜର ଲୋକଙ୍କୁ ଯୋଡିବା ପାଇଁ ଏକ ପ୍ରସ୍ତାବ ଆଗତ କରାଯାଇଛି।

# ୧୨ ଦିନରେ ଜିଲା ଅମଲା ମଞ୍ଚ ଧାରଣା, ଉନ୍ନୟନ କାର୍ଯ୍ୟ ଠପ୍



ଧାରଣାରତ ଅମଲା ମଞ୍ଚ।

ନୂଆପଡ଼ା ଅଫିସ,୧୨।୬ ନୂଆପଡା ଜିଲା ଅମଲା ମିଳିତ ମଞ୍ଚର କାର୍ଯ୍ୟବନ୍ଦ ଡାକରାରେ ଚାଲିଥିବା ଆନ୍ଦୋଳନ ୧୨ ଦିନରେ ପହଞ୍ଚିଛି। ଫଳରେ ସରକାରୀ ଉନ୍ନୟନ କାର୍ଯ୍ୟ ସବୁ ଠପ ହୋଇଯାଇଛି। ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସରକାର ଅମଲା ମାନଙ୍କ ପ୍ରତି ବେମାତୃକ ମନୋଭାବ କରି ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ଏଯାଏଁ ପୂରଣ କରି ନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମେ ଧାରଣାରେ ବସିଥିବୁ। ଆମର ଦାବି ଉପରେ ସରକାର ବାରମ୍ବାର ଆଲୋଚନା କରି ଫେଲ ହୋଇଛନ୍ତି। ଆମର ଗୋଟିଏ ଦାବି ପୂରଣ କରି ଦେଲେ ଆମେ ଆନ୍ଦୋଳନରୁ ଓହରି ଯିବୁ। ଆମକୁ ୪୨୦୦ ଗ୍ରେଡ ପେ (ଲେବଲ ୯) ଅନୁସାରେ ଦରମା ପ୍ରଦାନ କରାଯିବ ବୋଲି ଘୋଷଣା କରାଗଲେ ସମସ୍ତ ଅମଲା ଆନ୍ଦୋଳନରୁ ଓହରି ଯିବୁ ବୋଲି ସଂଘ ସଭାପତି ଧର୍ମରାଜ ନାଏକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସମୟରେ ସାଧାରଣ ସମ୍ପାଦକ ପବନ କୁମାର ସୋନି, କାର୍ଯ୍ୟକାରୀ ସମ୍ପାଦକ କେଶବ କୁମାର ମହାପାତ୍ର, ଉପସଭାପତି ମନୋଜ କୁମାର ମହାରଣା, ଅମରେନ୍ଦ୍ର କୁମାର ରଥ, ଲୋକନାଥ ରଥ, ସହ ସମ୍ପାଦକ ସନଈତା ସାହୁ, ମୁକେଶ କୁମାର ପାଣିଗ୍ରାହୀ, ପଞ୍ଚୁଦେବ ହଂସ, କୋଷାଧ୍ୟକ୍ଷ ମୋହନ ବାଗ, ମେଡିଆ ସମ୍ପାଦକ ବିଭୁଦତ ମିଶ୍ର, ରବି ରଞ୍ଜନ ବେହେରା, ରଶ୍ମି ରଞ୍ଜନ ଖମାରୀ, ତ୍ରିଲୋଚନ ରଥ, ଶ୍ରୀକାନ୍ତ ପୁରୋହିତ, ରାକେଶ କୁମାର ବିଶି, ଲକ୍ଷ୍ମଣ ଦଣ୍ଡସେନା, ପ୍ରଶାନ୍ତ କୁମାର ପାଣି, ଗଲିୟାରା ଜାକିର ମହମ୍ମଦ,ସତ୍ୟଦେବ ନାଗ ପ୍ରମୁଖ ଓ ସମସ୍ତ ଅମଲା ମଞ୍ଚ ଉପସ୍ଥିତ ଥିଲେ।

# ଲିଟିଲ ଚାମ୍ପ କ୍ରିକେଟ ଟୁର୍ନାମେଣ୍ଟ: କେନ୍ଦୁଗୁଡ଼ା ଚାମ୍ପିୟନ

କୋକସରା,୧୨।୬(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ ବଡ କେନ୍ଦୁଗୁଡାଠାରେ ଚାଲିଥିବା ଲିଟିଲ ଚାମ୍ପ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଞ୍ଜିବାହାଲ ଓ ବଡ କେନ୍ଦୁଗୁଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କେନ୍ଦୁଗୁଡା ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୧୨ ଓଭରରେ ବଡ କେନ୍ଦୁଗୁଡା ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ବାଞ୍ଜିବାହାଲ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅର୍ଜୁନ ତାଣ୍ଡି ଓ ଦେବାର୍ଚ୍ଚନ ନାଗ ଖେଳ ପରିଚାଳନା କରିଥିଲେ। ଆଦିତ୍ୟ ପଣ୍ଡାଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଆମପାଣି ଜୋନ ଜିଲା ପରିଷଦ ସଦସ୍ୟ ହେମନ୍ତ ମାଝି, ସମ୍ମାନିତ ଅତିଥି ଭାବେ କାଉଡୋଲା ସରପଞ୍ଚ ଦେବୀସିଂ ତାଣ୍ଡି, ପ୍ରସନ୍ନ ନାଏକ, ରଞ୍ଜିତ ଖମାରୀ, ଭାଜପା ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ଜୟରାମ ରାଉତ, ବୈଷ୍ଣବ ନାଏକ, ଗଣପତି ହଂସ, ସଞ୍ଜୟ ସିଂଘଲ, ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଜେତା, ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ୪୩ଟି ବଲରେ ୧୨ଟି ଛକା ଓ ୮ଟି ଚୌକା ମାରି ୧୧୩ ରନ ସଂଗ୍ରହ କରିଥିବା ତ୍ରିଭୁବନ ହଂସଙ୍କୁ ମୁଖ୍ୟଅତିଥି ନିଜ ତରଫରୁ ୧୧ଶହ ଟଙ୍କା ପୁରସ୍କାର ଦେଇଥିଲେ। କ୍ରିକେଟ କ୍ଲବ ସଭାପତି ଅଜିତ ନାଏକ ଓ ସମ୍ପାଦକ ପ୍ରଶାନ୍ତ ନାଏକ, ତ୍ରିନାଥ ନାଗ, ବିନୟ ରାଉତ, ତିଲ ନାଗ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଉପସ୍ଥିତ ଅତିଥିବୃନ୍ଦ।

# ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସ୍ଥାନ ନିରୂପଣ ପାଇଁ ଗ୍ରାମସଭା

**ଯୋଗଦେଲେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସଚେତନ ନାଗରିକ**

କୋକସରା,୧୨।୬(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ସଦର ମହକୁମାର ନୂତନ ବସଷ୍ଟାଣ୍ଡ ଓ ମୋଡେଲ ଶ୍ମଶାନ ପ୍ରକଳ୍ପର କାର୍ଯ୍ୟ ପାଇଁ ସ୍ଥାନ ନିରୂପଣ ସମ୍ପର୍କିତ ଏକ ଗ୍ରାମସଭା ସୋମବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। କୋକସରା ପଞ୍ଚାୟତ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଧର୍ମଗଡ ବିଧାୟକ ମୋଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡିଓ ଉତ୍ତମ କୁମାର ବାଗ, ତହସିଲଦାର ଦେବବ୍ରତ କରାଟି, ଆରଆଇ ଝାନ୍ସି ରାଣି ଦିଶାରୀ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ହେମନ୍ତ ମାଝି, ବରିଷ୍ଠ ବିଜେଡି ନେତା ପର୍ଶୁରାମ ପ୍ରଧାନୀ, କୃଷକ ନେତା ଶିବ ପ୍ରସାଦ ପ୍ରଧାନୀ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗଙ୍କ ସମେତ କୋକସରା ଗ୍ରାମର ଯୁବକ ଗୋଷ୍ଠୀ, ସଚେତନ ନାଗରିକ ବୁଦ୍ଧିଜୀବୀ, ମହିଳାମାନେ ଉପସ୍ଥିତ ଥିଲେ। କୋକସରା ନୂତନ ବସଷ୍ଟାଣ୍ଡ ଓ ମୋଡେଲ ଶ୍ମଶାନ ପାଇଁ ଜାଗା ନିରୂପଣ ଉପରେ ନିଜର ମତାମତ ରଖିଥିଲେ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ନିରୂପଣ ସ୍ଥାନରେ ବସଷ୍ଟାଣ୍ଡ ଓ ମୋଡେଲ ଶ୍ମଶାନ କରିବାକୁ ନିଷ୍ପତ୍ତି ନିଆଯାଇଛି। କୋକସରା ପଞ୍ଚାୟତ ଅଧୀନରେ ଥିବା ଜାତୀୟ ରାଜପଥ ୨୬ ପାର୍ଶ୍ୱରେ ଥିବା ପୁରୁଣା ବଜାର ପଡ଼ିଆରେ ନୂତନ ବସଷ୍ଟାଣ୍ଡ ଓ ପୂର୍ବରୁ ମାଝିଗୁଡା ଛକ ନିକଟରେ ରହିଥିବା ଶ୍ମଶାନକୁ ହିଁ ମୋଡେଲ ଶ୍ମଶାନ କରିବାକୁ ସମସ୍ତେ ପ୍ରସ୍ତାବ ଦେଇଥିଲେ। ଗ୍ରାମସଭାରେ ପାରିତ ପ୍ରସ୍ତାବ ଅନୁସାରେ ଏକ କମିଟି ଗଠନ କରାଯାଇ ଆଗକୁ ଉନ୍ନୟନ କାର୍ଯ୍ୟର ଖସଡ଼ା ପ୍ରସ୍ତୁତ କରି କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଛି। ଗ୍ରାମ ସଭାରେ ପୂର୍ବତନ ସମିତି ସଭ୍ୟ ତ୍ରିଭୁବନ ନାଏକ, ଶ୍ରୀନିବାସ ପ୍ରଧାନୀ, ମହେଶ କୁମାର ଗୁପ୍ତା, ଅଜିତ କୁମାର ପଟ୍ଟନାୟକ, ଜିତେନ୍ଦ୍ର ପ୍ରଧାନୀ, ଅଇରୀ ନାସନ ଚିନ୍ଦା, ମହେନ୍ଦ୍ର ନେଗି, ଚନ୍ଦ୍ରଭାନୁ ସୁନା, ଦେବରାଜ ମାଝି, ମାନସ ପ୍ରଧାନୀ, ସନ୍ତୋଷ ନାଏକଙ୍କ ସମେତ କୋକସରା ଗ୍ରାମବାସୀ ଉପସ୍ଥିତ ରହିଥିଲେ।



ଗ୍ରାମସଭାରେ ଆଲୋଚନା କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁନ୍ ୨୦୨୩



## ସଂକ୍ଷେପରେ

### ଗଛକୁ ପିଟିଲା ବାଇକ୍, ୩ ଗୁରୁତର

ବାଉଁଶୁଣୀ, ୧୨।୬(ଡି.ଏନ୍.ଏ.): ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ.ଜାତୀୟ



ରାଜପଥର ବୌଦ୍ଧ ଥାନା ତେଲିବନ୍ଧ ଗ୍ରାମ ପଞ୍ଚାୟତ କମଲପୁର୍ ନିକଟରେ ସୋମବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଅପରାହ୍ନ ୧ଟା ୩୦ରେ ବୌଦ୍ଧ ପଟରୁ ବାଉଁଶୁଣୀ ଆଡକୁ ଆସୁଥିବା ଏକ ବାଇକ୍ ଓଡି ୨୭ବି ୯୦୮୫ ଭାରସାମ୍ୟ ହରାଇ କମଲପୁର୍ ଗ୍ରାମ ନିକଟ ରାସ୍ତା କଡର ଗୋଟିଏ ଗଛକୁ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ରାସ୍ତାରେ ଆସୁଥିବା ବୌଦ୍ଧ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ନିଜ ସରକାରୀ ଗାଡ଼ିରେ ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ଗୁରୁତର ଆହତ ୩ ଜଣଙ୍କ ମଧ୍ୟରୁ ଜଣେ ବହିରା ଗ୍ରାମର ଓ ୨ଜଣ ରକ୍ସା ପଞ୍ଚାୟତ ଅନ୍ତର୍ଗତ କୁରୁମୁଣ୍ଡା ଗ୍ରାମର ବୋଲି ସୂଚନା ମିଳିଛି।

### ଭାରସାମ୍ୟ ହରାଇ ଗଛକୁ ପିଟିଲା କାର, ୪ ଗୁରୁତର

ବାଉଁଶୁଣୀ , ୧୨।୬(ଡି.ଏନ.ଏ.): ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ବାଉଁଶୁଣୀ ଥାନା ସଦେଇପୁର ଛକ ନିକଟରେ ସୋମବାର ୪ଟାରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଭବାନୀପାଟଣାରୁ ବୌଦ୍ଧ ଅଭିମୁଖେ ଯାଉଥିବା ଓଡି ୦୫ ଏଜେ ୨୪୩୯ ନଂ. କାର ଯାଉଥିଲା । ହଠାତ୍ ଡ୍ରାଇଭରର ଆଖି ଲାଗି ଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ଧକ୍କା ଦେଇଥିଲା। ଗାଡ଼ିରେ ଅବକାରୀ ପୋଲିସ ତେଜରାଜ ଦାନୀ ଓ ସାଗରିକା ପ୍ରଧାନ ନିଜ ପରିବାର ସହ ବୌଦ୍ଧ ଆସୁଥିଲେ। ଦୁର୍ଘଟଣା ହେବା ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଉଲୁଣ୍ଡା, ୧୨।୬(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୨ଟି ଏବଂ ୨୦ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ୧୧ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ କରିଶ୍ମା ବେଶ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାରରଞ୍ଜନ କହଁର, ଉପଜିଲାପାଳ ଅଶୋକ ଭୋଇ ଯୋଗଦାନ କରିଥିଲେ।

# ଦୁଇଟି ପ୍ରକଳ୍ପ ଥାଇ ବି ହେଉନି ଜଳ ଯୋଗାଣ

ଅମରପାଲି,୧୨।୬(ଡି.ଏନ.ଏ)

- ବିକଳପୁରରେ ପାନୀୟ ଜଳ ସଙ୍କଟ
- ଅଭିଯୋଗ ପରେ ବି ହେଉନି କାର୍ଯ୍ୟକ୍ଷମ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସଙ୍କଟ। ସମ୍ପ୍ରତି ବୀରମହାରାଜପୁରରେ ତାପମାତ୍ରା ୪୫ଡିଗ୍ରୀ ଉପରେ ରହୁଥିବାବେଳେ ସବୁଠି ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନ ତରଫରୁ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଜଳ ଯୋଗାଣ ପ୍ରକଳ୍ପ ଓ ନଳକୂପ ଅଚଳ ହେଲେ ତୁରନ୍ତ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବିକଳପୁର ଗ୍ରାମରେ ପ୍ରକଳ୍ପ ଅଚଳ ହୋଇଥିଲେ ମଧ୍ୟ ମରାମତି କରାଯାଉ ନ ଥିବା ବିଭାଗର ଅପାରଗତାର ପରିଚୟ ଦେଉଛି। ଗ୍ରାମରେ ଦୁଇ ଦୁଇଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଥିଲେ ମଧ୍ୟ କୌଣସି ଗୋଟିଏରୁ ମଧ୍ୟ ବୁନ୍ଦାଏ ପାଣି ବାହାରୁ ନାହିଁ। ଫଳରେ ଲୋକେ ପାଣି ବୁନ୍ଦେ ପାଇଁ ନାହିଁ ନ ଥିବା ହନ୍ତସନ୍ତ ହେଉଛନ୍ତି। ବିକଳପୁର ଗ୍ରାମଟି ଦୁଇଟି ୱାର୍ଡ ବିଶିଷ୍ଟ। ଗ୍ରାମରେ ପ୍ରାୟ ୧୫୦ ପରିବାର ବସବାସ



ବିକଳପୁରରେ ଅଚଳ ପାନୀୟ ଜଳ ପ୍ରକଳ୍ପ।

କରନ୍ତି। ଗ୍ରାମରେ ପ୍ରାୟତଃ ସବୁ ଦିନେ ଜଳ ସମସ୍ୟା ଦେଖାଦେଇଥାଏ। ଗ୍ରାମରେ ନଳକୂପଗୁଡିକ ମଧ୍ୟରୁ କେତେକ ଅଚଳ ହୋଇଥିବାବେଳେ ଆଉ କେତେକରୁ ଆବଶ୍ୟକଠାରୁ କମ ପାଣି ବାହାରୁଛି। ଆଉ କେତେକର ପାଣି ବ୍ୟବହାର ଅନୁପଯୋଗୀ। ଏଣୁ ଗ୍ରାମରେ ପାନୀୟ ଜଳର ସମସ୍ୟାକୁ ଦେଖି ପ୍ରାୟ ଆଠ ବର୍ଷ ପୂର୍ବେ ଏକ ଜଳ ଯୋଗାଣ ପ୍ରକଳ୍ପ କରାଯାଇଥିଲା। ଉକ୍ତ ପ୍ରକଳ୍ପ ପାଇଁ ଓଭର ହେଡ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ବୋରିଂ ଖନନ କରି ପାଇପ ଲାଇନ ବିଛା ହେବା ସହିତ ଷ୍ଟାଣ୍ଡପୋଷ୍ଟ ମଧ୍ୟ ଲଗା ହୋଇଥିଲା।ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବା ସହିତ ସୋଲାର ମଧ୍ୟ ଲଗାଯାଇଥିଲା। ମାତ୍ର ଉକ୍ତ ବୋରୱେଲରୁ ଆବଶ୍ୟକୀୟ ପାଣି ନ ବାହାରିବାରୁ ତାହା ଜଳ ଯୋଗାଣ ହେବା ପୂର୍ବରୁ ବନ୍ଦ ହୋଇଗଲା। ଏବେ ଉକ୍ତ ପ୍ରକଳ୍ପରେ ଲାଗିଥିବା ଟ୍ରାନ୍ସଫର୍ମରଟି ପୋଡି ଯାଇଥିବାବେଳେ ସୋଲାର ପ୍ଲେଟଗୁଡିକ ଚୋରି ହୋଇଯାଇଛି। ଫଳରେ ଉକ୍ତ ପ୍ରକଳ୍ପ ଅଚଳ ହେବାରୁ ଆଜିକୁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ପୁଣି ଗୋଟିଏ ନୂତନ ପ୍ରକଳ୍ପ କରାଯାଇଛି। ଉକ୍ତ ପ୍ରକଳ୍ପର ଓଭର ହେଡ ଟାଙ୍କି ନିର୍ମାଣ ସରିଛି। ଉକ୍ତ ପ୍ରକଳ୍ପର ବୋରୱେଲ କରାଯିବା ସହିତ ବିଦ୍ୟୁତ୍ ପାଇଁ ଟ୍ରାନ୍ସଫର୍ମର ମଧ୍ୟ ଲଗାଯାଇଛି। ମାତ୍ର ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ତେଣୁ ପାନୀୟ ଜଳ ଯୋଗାଣ କରାଯାଉନାହିଁ। ଗ୍ରାମର ଲୋକେ ସ୍ନାନ ଶୌଚଠାରୁ ଆରମ୍ଭ କରି ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଦୁଇ ଦୁଇଟି ପ୍ରକଳ୍ପ ଥିଲେ ମଧ୍ୟ ସାମାନ୍ୟ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବାରୁ ଗ୍ରାମବାସୀ ପାଣି ପାଇପାରୁନାହାନ୍ତି। ଏନେଇ କମିରା ସରପଞ୍ଚ ଅନୁସୟା ପ୍ରଧାନଙ୍କୁ ପଚାରିବାରୁ ଗ୍ରାମର ପାନୀୟ ଜଳ ସମସ୍ୟାକୁ ବିଭାଗର ଦୃଷ୍ଟି ଆକର୍ଷଣ କରି ଖୁବଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାନୀୟ ଜଳ ଯୋଗାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ନିଆଁ ଲାଗି ୧୦ ଗୋରୁ,ମଇଁଷି ମୃତ

ବିନିକା, ୧୨।୬ (ଡି.ଏନ.ଏ.)

**ଘର ପୋଡ଼ିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ପଲସାପାଲି ଗାଁରେ ଚାଷଜମିରେ ଲଗାଯାଇଥିବା ନିଆଁ ଏକ ଖଳାକୁ ଚାଲିଆସି ଗୋରୁ ମଇଁଷି ମରିଯିବା ସହ ବହୁ ପରିମାଣର କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ପଲସାପାଲି ଗ୍ରାମର ଚୈତନ୍ୟ ମେଲ୍ଲୀ, ସୁଦର୍ଶନ ମେଲ୍ଲୀ, କୃପା ମେଲ୍ଲୀ, ବଲି ମେଲ୍ଲୀ, କଲି ମେଲ୍ଲୀ ଓ ଅଖାଡୁ ମେଲ୍ଲୀ ତାଙ୍କ ଖଳାରେ ଗୁହାଳ ଓ ଘର ତିଆରି କରି ଗାଈ, ମଇଁଷି ପାଳନ କରୁଛନ୍ତି। ଏହା ସହ ଧାନ, ଗାଈଗୋରୁଙ୍କ ପାଇଁ ପୁଆଳ, ଚାଷ ବ୍ୟବହୃତ ସାମଗ୍ରୀ ତଥା ଅନ୍ୟାନ୍ୟ ସାମଗ୍ରୀ ରଖିଥିଲେ। ସୋମବାର ମଧ୍ୟାହ୍ନ ସମୟରେ ଏହି ବ୍ୟକ୍ତିମାନେ କ୍ଷେତରେ କାମ ସାରି ଘରକୁ ଯାଇଥିବାବେଳେ ନିକଟସ୍ଥ ଚାଷଜମିରେ କେହି ଜଣେ ନିଆଁ ଲଗାଇ ଦେଇଥିଲେ। ସେହି ନିଆଁ ଏହି ଖଳାକୁ ଚାଲିଆସି ଘର ଗୁହାଳ ପୋଡିଯିବା ସହ ଦଶଟି ଗାଈମଇଁଷି ପୋଡି ମୃତ୍ୟୁବରଣ କରିଥିଲେ। ଆମ୍ବ, ପଣସ, କଦଳୀ, ନଡ଼ିଆ ଇତ୍ୟାଦି ମୂଲ୍ୟବାନ ଗଛ ପୋଡି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ବିନିକା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ନନ୍ଦ, ବାବୁପାଲି ସମିତିସଭ୍ୟ ସତ୍ୟନାରାୟଣ ସୁନା, ବିଜୟ ପଧାନ ଅଗ୍ନିଶମ ବାହିନୀକୁ ଫୋନ କରି ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚିବା ବେଳକୁ ସବୁ ଧ୍ୱଂସ ହୋଇଥିଲା। ସେମାନେ ଜଳୁଥିବା ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଚାଷୀମାନେ ଆବଶ୍ୟକ ତଦନ୍ତ କରି ନିଆଁ ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିନିକା ଥାନାରେ ଏତଲା ଦେଇଛନ୍ତି। ନିକଟରେ ଥିବା ଚାଷୀ ଜଗଦୀଶ ପଧାନ, ମୁରଲି ମେଲ୍ଲୀଙ୍କ ସହ ଅନ୍ୟ ଚାଷୀଙ୍କ ମଧ୍ୟ କ୍ଷୟକ୍ଷତି ହୋଇଛି। ଏହି ଅଞ୍ଚଳରେ ପ୍ରତ୍ୟହ ଚାଷଜମିରେ ନିଆଁ ଲଗାଯାଉଥିବାବେଳେ ଗଛଲତା ପୋଡି ଯାଇ ବହୁ କ୍ଷୟକ୍ଷତି ହେଉଛି ଏବଂ ତାପମାତ୍ରା ମଧ୍ୟ ବୃଦ୍ଧି ପାଉଛି। ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ଏହି ଘଟଣା ଉପରେ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗରିବ କ୍ଷତିଗ୍ରସ୍ତମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହେଉଛି।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ




ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନରେ ମଞ୍ଚାସୀନ ଅତିଥି।

ଅମରପାଲି,୧୨।୬(ଡି.ଏନ.ଏ)

**ଶିଶୁ ଶ୍ରମିକ ନିୟୋଜନ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଅ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାଲୋଏ ପଞ୍ଚାୟତ ଅନ୍ତର୍ଗତ କଇରାଖୁଲି ସରକାରୀ ଉପ୍ରା ସ୍କୁଲରେ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ହୋଇଯାଇଛି। ବୀରମହାରାଜପୁର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଆଇନ ସେବା କମିଟି ଅଧ୍ୟକ୍ଷ ସରୋଜିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୀରମହାରାଜପୁର ସିଡିପିଓ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସ୍ଥାନୀୟ ପ୍ରଧାନ ଶିକ୍ଷକ ସୁରେଶ ପଧାନ, ଆଇନଜୀବୀ ସୁରେନ୍ଦ୍ର ତ୍ରିପାଠୀ, ସୁବ୍ରତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ଶ୍ରମିକ ନିରୋଧ ଆଇନ ଉପରେ ଆଲୋକପାତ କରିବା ସହିତ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ କଲେ କଠୋର କାର୍ଯାନୁଷ୍ଠାନ ନିଆଯିବାର ଆଇନ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତି ପୁରୋହିତ, ଜ୍ୟୋସ୍ନାମୟୀ ପଣ୍ଡା, ଶିକ୍ଷକ ଶରତ କୁମାର ନାଏକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ ଚାନ୍ଦ ସଂଯୋଜନା କରିଥିବା ବେଳେ ସୁରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜିବ କୁମାର ବାରିକ,ଜିତେନ୍ଦ୍ର ବେହେରା ଓ ସୁବାଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

ତରଭା, ୧୨।୬(ଡି.ଏନ.ଏ.)

ବିଭିନ୍ନ ସମୟରେ ବାହାର ରାଜ୍ୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଓ ତାଙ୍କ ମରଶରୀର ଫେରିବା ନେଇ ପରିବାରବର୍ଗ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସେଭଳି ଏକ ଦୁଃଖଦ ଘଟଣା ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ଫାଣ୍ଡି ଅନ୍ତର୍ଗତ କମସରା ଗ୍ରାମରେ ଘଟିଛି। ମୃତକ ପରିବାର ବର୍ଗଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ଭାଗ୍ୟବାନ୍ତ ତାଣ୍ଡି ପ୍ରାୟ ୧୫ ଦିନ ତଳେ ତାଙ୍କ ସ୍ତ୍ରୀ ରେଶମା ତାଣ୍ଡିଙ୍କ ସହ ଚାରି ବର୍ଷର ପୁଅକୁ ଧରି ତାମିଲନାଡୁର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସୋମବାର ସକାଳୁ ଭାଗ୍ୟବନ୍ତ କୌଣସି କାରଣରୁ ମୃତ୍ୟୁବରଣ କରିଥିବା ତାଙ୍କ ସମ୍ପର୍କୀୟ ସୁବାସ ବାଘ ପ୍ରକାଶ କରିଛନ୍ତି। ଏସମ୍ପର୍କରେ କମସରା ଫାଣ୍ଡି ଓ ତରଭା ଥାନା ଅଧିକାରୀଙ୍କୁ ପଚାରିବାରୁ ଘଟଣାଟି ସତ୍ୟ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀଙ୍କୁ ପଚାରିବାରୁ ଭାଗ୍ୟବନ୍ତ ତାମିଲନାଡୁ ରାଜ୍ୟର କାଞ୍ଚିମପୁରମ ଜିଲା ପଲ୍ଲନୁର ଗ୍ରାମର ଏକ କମ୍ପାନୀରେ କାମ କରୁଥିଲେ। ସକାଳୁ ଅସୁସ୍ଥ ଅନୁଭବ କରିବାରୁ ଭାଗ୍ୟବନ୍ତଙ୍କ ସ୍ତ୍ରୀ ରେଶମା ଚଙ୍ଗଳ ପୁଟୁ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ସୁବର୍ଣ୍ଣପୁର ଜିଲାପାଳଙ୍କୁ ଅବଗତ କରିବା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ତାମିଲନାଡୁର ଅର୍ଥ ମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ସରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ପ୍ରକାଶ କରିଛନ୍ତି। ମୃତକ ଗରିବ ଶ୍ରେଣୀର ହୋଇ ଥିବାରୁ ପରିବାର ବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ଉଚ୍ଚଶିକ୍ଷା ପାଇଁ ଅର୍ଥ ସାଜିଛି ବାଧକ

ପଦ୍ମପୁର,୧୨।୬(ଡି.ଏନ୍.ଏ.)

ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ସରେଇକେଲାର ମନୀଷ ପ୍ରଧାନ ଯୁକ୍ତ ୨ ପରୀକ୍ଷାରେ ୪୬୭ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେ ଲଖମରା କଲେଜରେ ପଢୁଥିଲେ। ଆଗକୁ ଶିକ୍ଷକ ହେବାର ସ୍ୱପ୍ନ ରଖିଛନ୍ତି। ପିଲାଦିନରୁ ବାପାଙ୍କ ଦେହାନ୍ତ ହୋଇଥିବାବେଳେ ବିଧବା ମା' ମୂଲ ମଜୁରି ଲାଗି ୨ ପୁଅଙ୍କ ପ୍ରତିପୋଷଣ କରିବା ସହ ଯୁକ୍ତ ୨ ପର୍ଯ୍ୟନ୍ତ ମନୀଷଙ୍କୁ ପଢ଼େଇବାରେ ସକ୍ଷମ ହୋଇପାରିଛନ୍ତି । ଆର୍ଥିକ ଦୁରବସ୍ଥା ଦେଇ ଗତିକରୁଥିବା ବିଧବା ମା' ମେଧାବୀ ପୁଅ ମନୀଷଙ୍କୁ ଆଗକୁ ପଢ଼େଇବା ପାଇଁ ସାହସ ଜୁଟେଇ ପାରୁନାହାନ୍ତି। ସରକାର କିମ୍ବା କୌଣସି



ଚିକିତ୍ସା.................

ସହୃଦୟ ବ୍ୟକ୍ତିଙ୍କ ସହଯୋଗର ହାତ ବଢ଼ିଲେ ଦୃଢ଼ ମନୋବଳ ଥିବା ମେଧାବୀ ମନୀଷଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ତାଙ୍କ ମା' ନିବେଦନ କରିଛନ୍ତି ।

# ଖାଉଟି ଅଦାଲତର ଦ୍ୱାରସ୍ଥ ପରେ ବୀମା ଟଙ୍କା ପାଇଲେ ହିତାଧିକାରୀ

ବୌଦ୍ଧ, ୧୨।୬(ସ୍ୱ.ପ୍ର)

ବୌଦ୍ଧ ଖାଉଟି ଅଦାଲତର ଦ୍ୱାରସ୍ଥ ପରେ ହିତାଧିକାରୀ ପରିବାର ଶେଷରେ ନ୍ୟାୟ ପାଇ ବୀମା ଟଙ୍କା ପାଇଥିବା ଜଣାପଡିଛି। ସୂଚନା ମୁତାବକ ବୌଦ୍ଧ ଥାନା ଅନ୍ତର୍ଗତ ଟୁଟୁସିଙ୍ଗା ଗ୍ରାମର ନିରଞ୍ଜନ ଭୋଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବୌଦ୍ଧ ବ୍ୟାଙ୍କ ଅଫ ବରୋଦାରେ ୧୨ ଟଙ୍କା ଦେଇ ସୁରକ୍ଷା ବୀମା ଯୋଜନା କରିଥିଲେ। ଏହି ବୀମାଟି ନ୍ୟାଶନାଲ ଇନସ୍ୟୁରାନସ କମ୍ପାନୀରେ ହୋଇଥିଲା। କିନ୍ତୁ ଗତ ୨୮।୫।୨୦ରେ ନିରଞ୍ଜନ ଏକ କୁଅରେ ସଫେଇ କାମ କରୁଥିବାବେଳେ ତାଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଯାଇଥିଲା। ଏନେଇ ମୃତ ନିରଞ୍ଜନଙ୍କ ସ୍ତ୍ରୀ ପୂର୍ଣ୍ଣିମା ଭୋଇ ବୀମା ଟଙ୍କା ପାଇବାକୁ ବ୍ୟାଙ୍କ ଅଫ ବରୋଦାରେ ଜଣାଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଇନସ୍ୟୁରାନସ କମ୍ପାନୀ ବୀମା ଟଙ୍କା ଦେଇ ନ ଥିଲେ। ଏନେଇ ପୂର୍ଣ୍ଣିମା ବାରମ୍ବାର ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଶେଷରେ ବୌଦ୍ଧ ଖାଉଟି ଅଦାଲତର ଦ୍ୱାରସ୍ଥ ହେବା ସହ ଏନେଇ ଖାଉଟି ଅଦାଲତରେ ଏକ ମାମଲା ସିସି ୪୨/୨୧ରେ କରିଥିଲେ। ମାମଲା ରୁଜୁ ହେବା ପରେ ଖାଉଟି ଅଦାଲତ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଇନସ୍ୟୁରାନସ କମ୍ପାନୀକୁ ନୋଟିସ ଜାରି କରିଥିଲେ। ଏହି ମାମଲାଟି ଗତ ୧୩।୫।୨୩ ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ସମାଧାନ ହୋଇ ବିଚାର ହୋଇଥିଲା । ଖାଉଟି ଅଦାଲତର ସଭାପତି ହିମାଂଶୁ ଭୂଷଣ ନାୟକ ମାମଲାଟି ସମାଧାନ କରିବା ସହ ଇନସ୍ୟୁରାନସ କମ୍ପାନୀ ବୀମା ଟଙ୍କା ଦୁଇ ଲକ୍ଷ ଦେବାକୁ ରାଜି ହୋଇଥିଲା। ଏନେଇ ସୋମବାର ବୀମା କମ୍ପାନୀ ହିତାଧିକାରୀ ପୂର୍ଣ୍ଣିମାଙ୍କୁ ବୀମା ଟଙ୍କା ପ୍ରଦାନ କରିଥିବା ଜଣାପଡିଛି। ହିତାଧିକାରୀଙ୍କ ପକ୍ଷରୁ ମାମଲାଟିକୁ ଆଇନଜୀବୀ ପୃଥିରାଜ ମେହେର ପରିଚାଳନା କରୁଥିଲେ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୨।୬(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ବୀରନରସିଂହପୁର ରାମକୃଷ୍ଣ ବାଳାଶ୍ରମଠାରେ ଶିଶୁ ଶ୍ରମ ବିରୁଦ୍ଧରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନ କାର୍ଯ୍ୟକ୍ରମ ଜିଲା ଆଇନସେବା ପ୍ରାଧିକରଣର ଶାଶ୍ୱତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଶିଶୁ କଲ୍ୟାଣ କମିଟିର ସଦସ୍ୟ ରାଜୀବ ନାଏକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାମକୃଷ୍ଣ ବାଳାଶ୍ରମର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିଶୁମାନଙ୍କୁ କିପରି



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

କାମଠାରୁ ଦୂରେଇ ରଖିବା, ସେମାନଙ୍କୁ ଉଚିତ ଶିକ୍ଷା, ଖାଦ୍ୟପାନୀୟ ଏବଂ ସୁରକ୍ଷା ପ୍ରଦାନ କରିବା, ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ଉପସ୍ଥିତ ଥିବା ବିଭିନ୍ନ ଉନ୍ନତିମୂଳକ ଯୋଜନା ଇତ୍ୟାଦି ଉପରେ ସମସ୍ତଙ୍କୁ ସଚେତନ କରିବା।

# କ୍ଷତିପୂରଣ ପାଇଁ ୩ ପରିବାରର ମହିଳାଙ୍କ ନିବେଦନ

ବୌଦ୍ଧ,୧୨।୬(ସ୍ୱ.ପ୍ର)

କିଛିଦିନ ତଳେ ମନମୁଣ୍ଡା ଥାନା ଅନ୍ତର୍ଗତ କଲତାପାଲି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିନୋଟି ପରିବାରର ଘରଭାଙ୍ଗି ଚୁରମାର କରିଦେବା ସହିତ ସମସ୍ତ ଜିନିଷପତ୍ର ଲୁଟି ନିଆଯାଇଥିଲା। ଏହି ଘଟଣାରେ ନ୍ୟାୟ ପ୍ରଦାନ ସହିତ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ତିନି ପରିବାର ପକ୍ଷରୁ ବୌଦ୍ଧ ଜିଲାପାଳ ଓ ଏସପିଙ୍କ ଜନଶୁଣାଣି ଶିବିରରେ ସୋମବାର ପହଞ୍ଚି ନିବେଦନ କରିଛନ୍ତି ତିନି କ୍ଷତିଗ୍ରସ୍ତ ପରିବାର ମହିଳା ସଦସ୍ୟ। ମିଳିଥିବା ସୂଚନା ମୁତାବକ କଲତାପାଲି ଗ୍ରାମର ଶୋଭାଗିନି ସିଂହ, କବିତା କ୍ଷେତି ଓ ରଚନା ସିଂହ ସୋମବାର ଜିଲାପାଳ ଓ ଏସପିଙ୍କ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଥିଲେ। କିଛିଦିନ ତଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର କିଛି ଲୋକ ସେମାନଙ୍କ ଘର ଭାଙ୍ଗି ଚୁରମାର କରିଦେବା ସହିତ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଭୟରେ ତିନି ପରିବାର ଗ୍ରାମଛାଡି ଚାଲିଯିବା ପରେ ଆକ୍ରମଣକାରୀ ସେମାନଙ୍କ ସମସ୍ତ ଜିନିଷପତ୍ର,ସୁନାଗହଣା ନେଇ ପଳାଇଥିବାବେଳେ ସେମାନଙ୍କ ପାଖରେ ମୁଣ୍ଡଗୁଞ୍ଜିବାକୁ ଛାତ ନ ଥିବାରୁ ପ୍ରବଳ ଗ୍ରୀଷ୍ମପ୍ରବାହରେ ଗ୍ରାମଛାଡି ଗଛ ତଳେ ଆଶ୍ରୟ ନେଇଥିବା ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ସତ୍ୟରଞ୍ଜନ ସାହୁ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ଅଭିଯୋଗ ଶୁଣିବା ପରେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ତିନି ପରିବାରର ମହିଳା ସଦସ୍ୟ

# ଗଛକୁ ଧକ୍କା ଦେଲା କାର: ବରକନ୍ୟାଙ୍କ ସମେତ ୬ ଗୁରୁତର

ସୋନପୁର,୧୨।୬(ନି.ପ୍ର.)

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ସୋମବାର ଭୋର ସଡକ ଦୁର୍ଘଟଣା ଘଟିଛି। ବରକନ୍ୟାଙ୍କୁ ନେଇ ଫେରୁଥିବା କାର ଗଛକୁ ଜୋରରେ ଧକ୍କା ଦେଇଛି। ଏଥିଯୋଗୁ କନ୍ୟା ଅନିତା ପ୍ରଧାନ(୨୫), ବର ସୋନୁ ପ୍ରଧାନ(୩୦)ଙ୍କ ସମେତ ପୂଜକ ଦେବେନ୍ଦ୍ର ମିଶ୍ର, ଡ୍ରାଇଭର ଓ ବରକନ୍ୟାଙ୍କ ପରିବାରର ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ସଙ୍ଗେସଙ୍ଗେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ବଲାଙ୍ଗୀର ଜିଲା ଟିଟିଲାଗଡରେ ରବିବାର ରାତିରେ ଅନିତା ଓ ସୋନୁଙ୍କ ବିବାହ ହୋଇଥିଲା। ବିବାହ ସାରି ବରଯାତ୍ରୀ ଦଳ ଓ ବରକନ୍ୟା ଆଗପଛ ହୋଇ ସମ୍ବଲପୁର ଫବ୍‌ସି ସ୍ଥିତ ବାସଭବନକୁ ଫେରୁଥିଲେ। ବରକନ୍ୟା, ପୂଜକ ଓ ପରିବାରବର୍ଗ ମହିନ୍ଦ୍ରା କେୟୁଭି କାର ନଂ. ଓଆର୧୭ପି–୮୨୪୩ରେ ସମ୍ବଲପୁର ଅଭିମୁଖେ ଯାଉଥିଲେ। ତେବେ କାର ଡ୍ରାଇଭର ଭାରସାମ୍ୟ ହରାଇ ବସିଥିଲେ। ଫଳରେ ରାତି ୩ଟା ୫୦ରେ କାର ଏକ ବଡ ଚାକୁଣ୍ଡା ଗଛକୁ ଧକ୍କା ଦେଇଥିଲା। ସାନପୁର ଝିଙ୍କି ଅଞ୍ଚଳର ଲବ ପଟ୍ଟନାୟକ ଓ କିଛି ସ୍ୱେଚ୍ଛାସେବୀ ଖବର ପାଇ କନ୍ୟା, ବର, ପୂଜକ ଓ ଅନ୍ୟ ଆହତଙ୍କୁ କାର ଭିତରୁ ବାହାର କରିଥିଲେ। ଖବର ପାଇ ସମ୍ବଲପୁର ଅଭିମୁଖେ ଯାଉଥିବା ବର ସୋନୁଙ୍କ ବାପା ଉଲୁଣ୍ଡା ନିକଟରୁ ଦୁର୍ଘଟଣା ସ୍ଥଳକୁ ଫେରିଥିଲେ। ତାଙ୍କ କାର୍‌ରେ ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ କାର ଡ୍ରାଇଭର ସେମିତି ଗଛରେ ଚାପି ହୋଇ ରହିଥିଲେ। କିଛି ଟ୍ରକ୍ ଡ୍ରାଉଭର ଓ ହେଲପର ତାଙ୍କୁ ବହୁ କଷ୍ଟରେ ସକାଳ ୫ଟା ୪୫ରେ ବାହାର କରିବାକୁ ସକ୍ଷମ ହୋଇଥିଲେ। ଦୁର୍ଘଟଣାରେ କନ୍ୟା ଅନିତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ବର ସୋନୁଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେଉଛି। ସେହିପରି ପୂଜକ ଦେବେନ୍ଦ୍ରଙ୍କ ହାତ ଭାଙ୍ଗିବା ସହ ଶରୀରରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ରାତିରେ ୧୦୮ ଆମ୍ବୁଲାନ୍ସ ଓ ପିସିଆର ଭ୍ୟାନ୍‌କୁ ଫୋନ୍ କରିଥିଲେ । ମାତ୍ର ଆମ୍ବୁଲାନ୍ସ ଆସି ନ ଥିବା ଅଭିଯୋଗ ହୋଇଛି। ରାତି ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କରେ ସୋନପୁର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପୋଲିସ ଅଧିକାରୀ ସକାଳେ ତଦନ୍ତ ପାଇଁ ଚିକିତ୍ସାଳୟକୁ ଯିବା ପୂର୍ବରୁ ସମସ୍ତଙ୍କୁ ବୁର୍ଲା ସ୍ଥାନାନ୍ତର କରା ଯାଇଥିଲା । କୌଣସି ସୂଚନା ନ ଥିବାରୁ ପୋଲିସ ତଦନ୍ତରେ ବିଳମ୍ବ ହୋଇଥିବା କୁହାଯାଉଛି।



ଗଛକୁ ଧକ୍କା ଦେଇ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି।

## ସଂକ୍ଷେପରେ

### ଅମଲା ଆନ୍ଦୋଳନକୁ ବିଧାୟକଙ୍କ ସମର୍ଥନ



**ରାଉରକେଲା ଅଫିସ, ୧୨।୬:** ବିଭିନ୍ନ ଦାବିରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ସୁନ୍ଦରଗଡ଼ ପାନପୋଷ ଉପଖଣ୍ଡ ପକ୍ଷରୁ ଉଦିତନଗରଠାରେ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ସୋମବାର ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ସମର୍ଥନ ଜଣାଇଛନ୍ତି। ୯ ଦଫା ଦାବି ନେଇ ଏହି ଆନ୍ଦୋଳନ ଗତ ୧ରୁ ଆରମ୍ଭ ହୋଇଛି। ଏହାପୂର୍ବରୁ ଅମଲାମାନେ ମେ’ ମାସରେ କଳାବ୍ୟାଜ୍ ପରିଧାନ କରିଥିବା ବେଳେ ଜୁନରୁ ସାମୂହିକ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଥିଲେ। ସୋମବାର ବିଧାୟକ ଓରାମ ଓ ସହଯୋଗୀ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ସହଯୋଗ କରିବେ ବୋଲି ଘୋଷଣା କରିଥିଲେ।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ହେମଗିର, ୧୨।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକାଠାରେ ଜଣେ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ଜିଲାର ଶ୍ରୀବନ୍ତ ଗହିର(୪୦)। ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, କାଠ ଗୋଦାମର ଅଳ୍ପ କିଛି ଦୂରରେ ଶ୍ରୀବନ୍ତ ତଳେ ପଡ଼ିଥିବା ସହ ତାଙ୍କ ମୁହଁରୁ ଫେଣ ବାହାରିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।

### ପାଣିରେ ବୁଡ଼ି ଯୁବକ ମୃତ

**ଲେଫ୍ରିପଡ଼ା, ୧୨।୬(ଡି.ଏନ୍. ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଗିରିଙ୍ଗକେଲା ମାଳିପଡ଼ା ବଡ଼ଖାମୁଣ୍ଡା(ଜଳାଶୟ)ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଲାବିରା ସୁଖାଯୋର ଗ୍ରାମର ପ୍ରଦୀପ ଓରାମ (୩୫)। ଉକ୍ତ ମୁଣ୍ଡାରୁ ଦଳ ସଫା କରିବା ଏବଂ ମାଛ ଧରିବା ପାଇଁ କୁଲାବିରା ସୁଖାଯୋର ଏବଂ ତିଳପଡ଼ା ଗ୍ରାମର ମୋଟ ୨୪ ଜଣ ବ୍ୟକ୍ତି ନିୟୋଜିତ ହୋଇଥିଲେ। ସେହି ସମୟରେ ପ୍ରଦୀପ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଲେଫ୍ରିପଡ଼ା ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କ ମୃତଦେହ ଜବତ କରିଥିଲେ। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**କୁଆର୍‌ମୁଣ୍ଡା... କୁତ୍ରା, ୧୨।୬(ଡି.ଏନ୍.ଏ.):** କୁତ୍ରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ରାଞ୍ଚିରୋଡସ୍ଥିତ ସୌରଭ ଢାବା ସମ୍ମୁଖରେ ହୋଇଥିବା ସଡ଼କ ଦୁର୍ଘଟଣାରେ କୁତ୍ରା ମାଲୁପଡ଼ାର ମାଲୁ ମିଞ୍ଜ(୪୯) ଗୁରୁତର ହୋଇଥିଲେ। ରାଉରକେଲା ଜୟପ୍ରକାଶ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର ୩ଟାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ କୁତ୍ରା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ମେ ୨୮ରେ ରାଞ୍ଚିରୋଡ ସ୍ଥିତ ସୌରଭ ଢାବା ସମ୍ମୁଖରେ ଏକ ବାଇକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଡାହାଣ ଗୋଡ଼ରେ କଟାଦାଗ ଯୋଗୁ ଅଘଟଣ

ରାଉରକେଲା ଅଫିସ, ୧୨।୬

ରାଉରକେଲା ବିମାନବନ୍ଦର ଛକରେ ୫ମାସ ତଳେ ନିର୍ମିତ ହକିସ୍ମାରକୀ ସାମାନ୍ୟ ପବନରେ ଟଳି ପଡିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ (ଆର୍‌ଏମ୍‌ସି) ପକ୍ଷରୁ ତଦନ୍ତ କରାଯାଉଛି। ତେବେ ଟଳି ପଡିଥିବା ସ୍ମାରକୀର ଡାହାଣ ଗୋଡ଼ରେ କଟାଦାଗ ଯୋଗୁ ଏଭଳି ଘଟିଥିବା ପ୍ରାଥମିକ ତଦନ୍ତରେ ଜଣାପଡିଥିବା ପ୍ରଶାସନ ସଫେଇ ଦେଇଛି। ଅନ୍ୟପକ୍ଷେ ଆର୍‌ଏମ୍‌ସିର ପ୍ରାଥମିକ ତଦନ୍ତ ମନଗଢ଼ା ବୋଲି କହି ଭାଜପା ସମାଲୋଚନା କରିଛି। ସୂଚନା ଅନୁସାରେ, ହକି ବିଶ୍ୱକପ୍ ପୂର୍ବରୁ ୩୦ଲକ୍ଷ ଟଙ୍କା ବ୍ୟୟରେ ୩୫ଫୁଟ୍ ଉଚ୍ଚତା ବିଶିଷ୍ଟ ହକି ସ୍ମାରକୀ ନିର୍ମାଣ କରାଯାଇଥିଲା। ତେବେ ରବିବାର ଦିନ ପ୍ରାୟ ୧ଟାରେ ସାମାନ୍ୟ ପବନରେ ଉକ୍ତ ସ୍ମାରକୀ ଟଳି ପଡିଥିଲା। ଫଳରେ ଆର୍‌ଏମ୍‌ସି ପକ୍ଷରୁ ଉକ୍ତ ଭଙ୍ଗା ସ୍ମାରକୀକୁ ପଲିଥିନ ଘୋଡାଇ ଦିଆଯାଇଥିଲା। ସୋମବାର ସକାଳ ୮ଟାରେ ସୁନ୍ଦରଗଡ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଘଟଣାସ୍ଥଳ ପରିଦର୍ଶନରେ ଆସି ପଲିଥିନରେ ଆବଦ୍ଧ ହୋଇଥିବା ସ୍ମାରକୀକୁ ଦେଖିବା ସହ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏନ୍‌ଆଇଟି ଟେକ୍ନିକାଲ ଟିମ୍ ଓ ଆର୍‌ଆଣ୍ଡବିର ଯନ୍ତ୍ରୀମାନେ ଘଟଣାର ମିଳିତ ତଦନ୍ତ କରିଛନ୍ତି। ସେମାନେ ତଳେ ପଡିଥିବା ସ୍ମାରକୀ, ଭଗ୍ନାବଶେଷ ଫଟୋ ନେବା ପରେ ପ୍ରାଥମିକ ତଦନ୍ତ ରିପୋର୍ଟ ଉପସ୍ଥାପନ କରିଛନ୍ତି। କୌଣସି ଦୁର୍ବୃତ୍ତ ମେଶିନରେ ସ୍ମାରକୀର ଡାହାଣ ଗୋଡ଼ ଲୁହାକୁ କାଟି ଦେଇଥିବାରୁ ଏଭଳି ଘଟିଥିବା ସେମାନେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ପ୍ରାଥମିକ ତଦନ୍ତ ରିପୋର୍ଟକୁ ସହରବାସୀ ଓ ଭାଜପା କପୋଳକଳ୍ପିତ ବୋଲି କହିଛନ୍ତି।



ପଲିଥିନରେ ଘୋଡାଯାଇଥିବା ସ୍ମାରକୀ।

ଭାଜପା ଏହି ଘଟଣାକୁ ପ୍ରଶାସନିକ ବିଫଳତା ବୋଲି ଦର୍ଶାଇ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ସେହିପରି ହକି ସ୍ମାରକୀ ସରକାରଙ୍କ ଟଙ୍କାରେ ନିର୍ମିତ ହୋଇ ନ ଥିଲା ବରଂ ସହରବାସୀଙ୍କ ଅର୍ଥରେ ନିର୍ମାଣ ହୋଇଥିଲା। ଏହା ସହରବାସୀଙ୍କ କ୍ଷତି ବୋଲି ରାଉରକେଲାର ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଭାଜପା ରାଜ୍ୟ ମୁଖପାତ୍ର ଧୀରେନ ସେନାପତି କହିଛନ୍ତି, ଘଟଣାଟି ହକି ବିଶ୍ୱକପ୍ ବେଳେ ହୋଇଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟ ନିମ୍ନମାନର ହୋଇଥିବା ପ୍ରମାଣ କରିଛି। ଷ୍ଟାଚ୍ୟୁ ନିର୍ମାଣ କ୍ୱାଲିଟି ଏବଂ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସମ୍ପୃକ୍ତ

**ହକି ସ୍ମାରକୀ ଟଳି ପଡିବା ଘଟଣା**

### ଭାଜପା କହିଲା ତଦନ୍ତ ମନଗଢ଼ା

ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ। ତଦନ୍ତରେ ଷ୍ଟାଚ୍ୟୁର ଡାହାଣ ଗୋଡ କଟାଯିବା ଉଲ୍ଲେଖ କରାଯିବା ଆର୍‌ଏମ୍‌ସିର ମନଗଢ଼ା। ଷ୍ଟାଚ୍ୟୁର ଚାରିଆଡେ ଆଲୋକ ବ୍ୟବସ୍ଥା, ପାଖରେ ପୋଲିସ ଫାଣ୍ଡି ଅଛି। ଏହାସତ୍ତ୍ୱେ ଷ୍ଟାଚ୍ୟୁ କଟାହେବା ନିଶ୍ଚିତ ଭାବେ ପ୍ରଶାସନିକ ବିଫଳତା ବୋଲି ସେନାପତି କହିଥିଲେ। ଏ ନେଇ ଷ୍ଟାଚ୍ୟୁ ନିର୍ମାଣ କରିଥିବା ଇମେଜରୀ ସଂସ୍ଥା ପକ୍ଷରୁ ଶିଳ୍ପୀ କେ. କେ. ମହାରଣା କହିଛନ୍ତି, ଆମେ ଷ୍ଟାଚ୍ୟୁ ନିର୍ମାଣ କରିଥିଲୁ। ଆଜି ଘଟଣାସ୍ଥଳକୁ ଯାଇଥିଲି। ଷ୍ଟାଚ୍ୟୁର ଡାହାଣ ଗୋଡ଼ରେ ଲାଗିଥିବା ଲୁହା ବିମ୍‌କୁ କାଟି ଦିଆଯାଇଥିବାରୁ ଷ୍ଟାଚ୍ୟୁ ଟଳି ପଡିଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆରଏମସି ଡେପୁଟି କମିଶନର ସୁଧାଂଶୁ ଭୋଇ କହିଛନ୍ତି, ଏହା ନିଶ୍ଚିତ ଭାବେ ଗମ୍ଭୀର ଘଟଣା। ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ତଦନ୍ତ ଚାଲିଛି। ଆଜି ଏନ୍‌ଆଇଟିରୁ ଟେକ୍ନିକାଲ ଟିମ୍ ଓ ଆର୍‌ଆଣ୍ଡବି ଯନ୍ତ୍ରୀମାନଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ ହୋଇଛି। ଷ୍ଟାଚ୍ୟୁର ଡାହାଣଗୋଡ ମୁଖ୍ୟ ପାଇପ୍‌କୁ କେହି ଦୁର୍ବୃତ୍ତ ମେଶିନରେ କାଟିଥିବା ଜଣାପଡିଛି। ତଦନ୍ତରେ ଟଣାଯାଇଥିବା ଷ୍ଟାଚ୍ୟୁର ଭଗ୍ନାବଶେଷର ସାର୍ଫ ପେଜ, ଷ୍ଟାଚ୍ୟୁ ଟଳି ପଡିବା ପରେ ଲେଫ୍ଟ ସାଇଡ ପାଇପ୍ ବେଣ୍ଡ୍ ହେବା, ଚ୍ୟାନେଲଗୁଡିକ ଜିକ୍‌ଜାକ୍ ଭଳି ସାର୍ପ ଥିବାରୁ ସନ୍ଦେହ ଘନୀଭୂତ ହେଉଛି। ଆଗକୁ ଟେକ୍ନିକାଲ କମିଟି ଘଟଣାର ତଦନ୍ତ କରିବ। ଛେଣ୍ଡ ଥାନାରେ ଏତଲା ମଧ୍ୟ ହୋଇଛି। ପୋଲିସ ମଧ୍ୟ ଏହାର ତଦନ୍ତ କରିବ। ସମସ୍ତ ତଦନ୍ତ ପରେ ନିଷ୍କର୍ଷ ସାମ୍ନାକୁ ଆସିବ। ସେଥିରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୋଇ କହିଥିଲେ। ଉଲ୍ଲେଖନୀୟ, ହକି ବିଶ୍ୱକପ୍ ପୂର୍ବରୁ ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ସ୍ମାର୍ଟ ସିଟି ଅର୍ଥରେ ବହୁ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଭୁବନେଶ୍ୱରର ଇମେଜରୀ ସଂସ୍ଥା ଟେଣ୍ଡର ନେଇ ଏହାକୁ ନିର୍ମାଣ କରିଥିଲା। ଉକ୍ତ ସ୍ମାରକୀ ପାଇଁ ୭୫ ଟନ୍ ଲୁହା ବ୍ୟବହୃତ ହୋଇଥିଲା। ଏଥିସହ ଷ୍ଟାଚ୍ୟୁ ପରିସରକୁ ଆକର୍ଷଣୀୟ ଓ ସୌନ୍ଦର୍ଯ୍ୟକରଣ ପାଇଁ ୬୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା।

### ନିଟ୍ରା ପକ୍ଷରୁ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ

ରାଉରକେଲା ଅଫିସ, ୧୨।୬

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ପ୍ରାକ୍ତନ ଛାତ୍ର ସଂଘ (ନିଟ୍ରା) ପକ୍ଷରୁ ହୋଟେଲ ଦୀପ୍ତିଠାରେ ସୋମବାର ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଟ୍ରାର ଅଧ୍ୟକ୍ଷ ଇଂ. ବିମଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଭାରତ ଭୂଷଣ ମହାନ୍ତି, ଉପାଧ୍ୟକ୍ଷ ସୁଧାଂଶୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ୧୯୬୮ ବ୍ୟାଚ୍ ମେକାନିକାଲ ସ୍ନାତକ ତଥା ଲାରସନ୍ ଏଣ୍ଡ ଟୁବ୍ରୋର ରିଟାୟାର୍ଡ ମହାପ୍ରବନ୍ଧକ ଇଂ. ବାବାଜୀ ଚରଣ ସାହୁଙ୍କ ରଚିତ ପୁସ୍ତକ ‘ଦୁଃଖରୁ ମୁକ୍ତ’କୁ ଉନ୍ମୋଚନ କରାଯାଇଥିଲା। ଉକ୍ତ ପୁସ୍ତକକୁ ୨୦୦୭ ଏନ୍‌ଆଇଟି ବ୍ୟାଚ ଛାତ୍ର ତଥା ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଆଲୋଚନରେ ପ୍ରାକ୍ତନ ଛାତ୍ର ସଂଘ ସଦସ୍ୟ, ବିଦେଶରୁ ଆସିଥିବା ସଂଘର ସଦସ୍ୟ ଓ ପରିବାରବର୍ଗ ତଥା ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ। ପରେ ଶ୍ରୀ ମ୍ୟୁଜିକାଲ ପକ୍ଷରୁ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଉଦ୍‌ଘାଟିତ

ରାଉରକେଲା ଅଫିସ, ୧୨।୬

**ଝାଡ଼ଖଣ୍ଡ, ତାମିଲନାଡ୍ରୁ, ଓଡ଼ିଶା ବିଜୟୀ, ରାଜସ୍ଥାନ ଓ ଦାଦ୍ରାନଗର ହାବେଲି ମ୍ୟାଚ୍ ଡ୍ର**

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଚାମ୍ପିୟନଶିପ୍‌ରେ ଦେଶର ୨୯ଟି ଦଳ ଅଂଶଗ୍ରହଣ କରିଥିବାବେଳେ ପ୍ରତ୍ୟେକ ଦଳକୁ ୮ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୋଟ୍ ୫ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ଓ ଗାମ୍ବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଝାଡ଼ଖଣ୍ଡ ଦଳ ୧୮-୦ ଗୋଲରେ ଗାମ୍ବ ଦଳକୁ ପରାସ୍ତ କରିଥିଲା। ଖେଳ ଆରମ୍ଭରୁ ଝାଡ଼ଖଣ୍ଡ ଦଳର ଆତିଶ ଡୋଡରାଇ ୫, ୪୫, ୫୮ ମିନିଟ୍‌ରେ ୩ଟି ଗୋଲ କରିଥିଲେ। ପରେ ଦୀପକ ସୋରେଙ୍ଗ ୧୨, ୪୨, ୩୩, ୬୦ ମିନିଟ୍‌ରେ ସର୍ବାଧିକ ୪ଟି ଗୋଲ କରିଥିଲେ। ଯୋଶେପ ଟପ୍ପୋ ୧୧, ୪୭, ୪୬ ମିନିଟ୍‌ରେ ୩ଟି ଗୋଲ କରିଥିବାବେଳେ ଅଭିଷେକ ଟିଗା ୫୬ ମିନିଟ୍‌ରେ ଗୋଟିଏ ଗୋଲ କରିଥିଲେ। ଝାଡ଼ଖଣ୍ଡ ଦଳର ଫରୱାର୍ଡ ଖେଳାଳି ଶୁଖନାଥ ଗୁରିଆ ୫୨, ୪୮ ମିନିଟ୍‌ରେ ଦୁଇଟି ଗୋଲ ମାରିଥିବାବେଳେ ସିତ ଟପ୍ପୋ ୩୭, ୩୮ ମିନିଟ୍‌ରେ ୨ଟି ଗୋଲ କରିଥିଲେ। ଶେଷରେ ଜୟମାସି ଟୁଟି ୩୨, ନବୀନ କେରକେଟ୍ଟା ୫୮ ଓ ସିମନ ବୋଦରା ୫୦ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ମାରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ତାମିଲନାଡୁ ଓ ପଣ୍ଡିଚେରୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ତାମିଲନାଡୁ ଦଳ ୬-୧ ଗୋଲରେ ପଣ୍ଡିଚୋରୀକୁ ପରାସ୍ତ କରିଥିଲା। ପଣ୍ଡିଚେରୀ ଦଳ ପକ୍ଷରୁ ଅଧିନାୟକ ଅନନ୍ତରାଜ ୩୫, ୫୬ ମିନିଟ୍‌ରେ ଦୁଇଟି ଗୋଲ କରିଥିବାବେଳେ ଆନନ୍ଦ ୧୨, ୨୬ ମିନିଟରେ ଦୁଇଟି ଗୋଲ ମାରିଥିଲେ। ମନିକନନ୍ଦନ ୯ ଓ ନବୀନ ରାଜକୁମାର ୨୩ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ମାରି ଦଳକୁ ବିଜୟୀ କରିଥିଲେ। ପଣ୍ଡିଚେରୀ ପକ୍ଷରୁ ଭି. ଭିମଲ ୧୭ ମିନିଟ୍‌ରେ ତାମିଲନାଡୁ ବିପକ୍ଷରେ ଗୋଟିଏ ଗୋଲ କରିପାରିଥିଲେ। ସେହପରି ୩ୟ ମ୍ୟାଚ୍ କର୍ଣ୍ଣାଟକ ଓ ତ୍ରିପୁରା ମଧ୍ୟରେ ଖେଳାଯିବାକୁ ଥିଲା। ତେବେ ତ୍ରିପୁରା ଦଳ ଆସି ନ ଥିବାରୁ ମ୍ୟାଚ୍ ବାତିଲ କରାଯାଇଥିଲା। ୪ର୍ଥ ମ୍ୟାଚ ଦାଦ୍ରାନଗର ହାବେଳି ଓ ରାଜସ୍ଥାନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୪-୪ ଗୋଲରେ ମ୍ୟାଚ୍ ଡ୍ର ରହିଥିଲା। ଦାଦ୍ରାନଗର ହାବେଳି ପକ୍ଷରୁ ନଗେନ୍ଦ୍ର କୁମାର ଖେଳର ୫୩, ୫୮ ମିନିଟ୍‌ରେ ୨ଟି ଗୋଲ କରିଥିବାବେଳେ ପ୍ରମୋଦ ପାଲ ୨୪ ମିନିଟରେ ଗୋଟିଏ ଗୋଲ ଓ ପିୟୁଷ ସିଂ ୩୮ ମିନିଟ୍‌ରେ ଗୋଟିଏ ଗୋଲ କରିଥିଲେ। ଏହି ଗୋଲ ବିପକ୍ଷରେ ରାଜସ୍ଥାନ ଦଳ ପକ୍ଷରୁ ଜିତେନ୍ଦ୍ର ସିଂ ଶେଖାଓ୍ୱତ ଖେଳର ଦ୍ୱିତୀୟ ପର୍ଯ୍ୟାୟର ୨୩ ମିନିଟ୍‌ରେ ଗୋଟିଏ ଗୋଲ ମାରିଥିବାବେଳେ ଅନୁରାଗ ସୁତାର ୪୩ ମିନିଟ୍‌ରେ ଗୋଟିଏ ଗୋଲ ଓ ପ୍ରତୀକ ପରାସର ୪୭ ମିନିଟରେ ଗୋଟିଏ ଗୋଲ କରିଥିଲେ। ଶେଷରେ ରାହୁଲ ଚୌଧୁରୀ ଖେଳର ଶେଷ ପର୍ଯ୍ୟାୟର ୫୨ ମିନିଟରେ ଗୋଟିଏ ଗୋଲ୍ ମାରି ମ୍ୟାଚ୍‌କୁ ଡ୍ର ରଖିଥିଲେ। ପଞ୍ଚମ ମ୍ୟାଚ୍ ଓଡିଶା ଓ ଗୁଜୁରାଟ ମଧ୍ୟରେ ଖେଳାଯାଇଥିଲା। ଖେଳରେ ଓଡିଶା ଦଳ ୧୮-୦ ଗୋଲରେ ଗୁଜୁରାଟକୁ ପରାସ୍ତ କରିଥିଲା।

### ଚୋରି ଲୁହାଛଡ଼ ଜବତ, ୨ ଅଭିଯୁକ୍ତ ଗିରଫ

ଲହୁଣୀପଡ଼ା, ୧୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁଚେଇତା ଗ୍ରାମରେ ଥିବା ଆରକେଡି କମ୍ପାନୀର କ୍ୟାମ୍ପରୁ ଲୁହାଛଡ଼ ସହ ଇଲେକ୍ଟ୍ରିକ ସାମଗ୍ରୀ ଚୋରି ଅଭିଯୋଗରେ ସୋମବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ସାମଗ୍ରୀ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ମଧୁ ମୁଣ୍ଡାରୀ(୨୯) ଏବଂ ଲାଠିକଟା ରେଲୱେ କଲୋନୀର ତୋଫାନ ମୁର୍ମୁ(୨୭)। ସୂଚନାଯୋଗ୍ୟ, ଗତ ୧୦ ତାରିଖ ବିଳମ୍ବିତ ରାତିରେ କମ୍ପାନୀ କ୍ୟାମ୍ପରୁ ୨ କୁଇଣ୍ଟାଲ ଲୁହାଛଡ଼ ସହ ଟେବୁଲ ଓ ସିଲିଂ ଫ୍ୟାନ୍ ଏବଂ ଇଲେକ୍ଟ୍ରିକ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଚାନ୍ଦିପୋଷ ଥାନାରେ କମ୍ପାନୀ ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ୨ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ପରେ ଚୋରି କରିଥିବା ନେଇ ସେମାନେ ସ୍ୱୀକାର କରିଥିଲେ।

### ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇ ପଡ଼ିଛି ତାଲା

ରାଜଗାଙ୍ଗପୁର, ୧୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଜବରଦଖଲ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କିଛି ଦିନ ତଳେ ପୌରପାଳିକା ପକ୍ଷରୁ ବସ୍‌ଷ୍ଟାଣ୍ଡ ରାସ୍ତା କଡ଼ରେ ଥିବା ଉଠା ଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ଟ୍ରାଫିକ ସମସ୍ୟା ଯୋଗୁ ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଦୋକାନୀଙ୍କୁ ଦିଆଯିବ ବୋଲି ସ୍ଥିର ହୋଇଥିଲା। ପୌରପାଳିକା ପକ୍ଷରୁ ଭେଣ୍ଡିଂ ଜେନ୍ ନିର୍ମାଣ ଆରମ୍ଭ ହୋଇ ଦୋକାନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ବର୍ତ୍ତମାନ ଦୋକାନ ଗୃହଗୁଡ଼ିକରେ ତାଲାପଡ଼ିଛି। ଫଳରେ ସାଧାରଣରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବଭଳି ଉଠା ଦୋକାନୀମାନେ ରାସ୍ତାକଡ଼ରେ ନିଜର ଦୋକାନ ବସାଇଛନ୍ତି। ଏହି ରାସ୍ତା ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ ପୂର୍ବାପେକ୍ଷା ବର୍ତ୍ତମାନ ଅଧିକ ମାତ୍ରାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଭେଣ୍ଡିଂ ଜୋନରେ ନିର୍ମାଣ ହୋଇଥିବା ଦୋକାନଗୁଡ଼ିକୁ ଯଥାଶୀଘ୍ର ଉଠାଦୋକାନୀଙ୍କୁ ନିୟମ ଅନୁଯାୟୀ ବଣ୍ଟନ କରି ଉକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପୌରପାଳିକା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ପୌର ଅଧିକାରୀ ଗୋବିନ୍ଦ ଦଣ୍ଡସନା କହିଛନ୍ତି, ଏହି କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇଛି। ଖୁବ୍‌ଶୀଘ୍ର ଟାଉନ ଭେଣ୍ଡିଂ ଜୋନ କମିଟି ଗଠନ ହୋଇ ଏହି ସମସ୍ୟାର ସମାଧାନ କରାଯିବ।




ଭେଣ୍ଡିଂ ଜୋନରେ ତାଲା ପଡ଼ିଛି।

### ଜ୍ଞାନ ବଢାଇବ ବିଜ୍ଞାନ ଉଦ୍ୟାନ, ଗବେଷଣା କେନ୍ଦ୍ର



ବିଜ୍ଞାନ ଉଦ୍ୟାନରେ ହାତୀ ଷ୍ଟାଚ୍ୟୁ ରହିଛି।

**ରାଉରକେଲା ଅଫିସ, ୧୨।୬:** ସ୍ମାର୍ଟସିଟି ରାଉରକେଲାରେ ସୌନ୍ଦର୍ଯ୍ୟ ବୃଦ୍ଧି ଏବଂ ବିଦ୍ୟାର୍ଥୀମାନଙ୍କ ବିଜ୍ଞାନ ଜ୍ଞାନର ବିକାଶ ଓ ଗବେଷଣାରେ ସହଯୋଗ ପାଇଁ ନୂତନ ଭାବେ ନିର୍ମାଣ ହେଉଛି ବିଜ୍ଞାନ ଉଦ୍ୟାନ ଓ ଗବେଷଣା କେନ୍ଦ୍ର। ସ୍ମାର୍ଟସିଟି ପ୍ରୋଜେକ୍ଟ ଅଧୀନରେ ୧୦କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ନିର୍ମାଣ କାର୍ଯ୍ୟ ରାଉରକେଲା ବିଜ୍ଞାନ ବିଭାଗ ପକ୍ଷରୁ କରାଯାଉଛି। ନିର୍ମାଣାଧୀନ ବିଜ୍ଞାନ ଉଦ୍ୟାନରେ ବିଭିନ୍ନ ବିଜ୍ଞାନ ବିଷୟକ ଉପାଦାନ ସହ ବିଦ୍ୟାର୍ଥୀଙ୍କ ଖେଳକୁଦ ପାଇଁ ବିଭିନ୍ନ ସାଜସଜ୍ଜା ହେଉଛି। ଜୀବଜନ୍ତୁ ଓ ପଶୁପକ୍ଷୀଙ୍କ ଷ୍ଟାଚ୍ୟୁ କଳାକୃତୀ ସହ ବିଜ୍ଞାନ ଗବେଷଣା ତଥ୍ୟମାନ ଉପଲବ୍ଧ ରହିଛି। ଏଥିସହିତ ଫୁଡ ପାର୍କ, ଆଲୋକ, ଚାଲିବା ପାଇଁ ଟାଇଲ ବ୍ୟବସ୍ଥା, ସୁନ୍ଦର ବୃକ୍ଷ, ସ୍ମାର୍ଟ ପୋଖରୀ ମଧ୍ୟ ରହିଛି। ଏହି ପ୍ରକଳ୍ପକୁ ନେଇ ସହରର ବିଦ୍ୟାର୍ଥୀ ମହଲରେ ବେଶ ଉତ୍ସୁକତା ପ୍ରକାଶ ପାଇଥିବା ବେଳେ ବିଜ୍ଞାନ ଉଦ୍ୟାନ ନିର୍ମାଣ କାର୍ଯ୍ୟ ୯୦ପ୍ରତିଶତ ସମ୍ପନ୍ନ ହୋଇଛି। ଏହି ନୂତନ ବିଜ୍ଞାନ ଉଦ୍ୟାନ ମାଧ୍ୟମରେ ବିଦ୍ୟାର୍ଥୀମାନେ ବିଶେଷ ଉପକୃତ ହେବେ ଏବଂ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ଆର୍‌ଏମ୍‌ସି କମିଶନର ଡା. ଶୁଭଙ୍କର ମହାପାତ୍ର କୁହନ୍ତି, ଖୁବଶୀଘ୍ର କାମ ସମ୍ପନ୍ନ ହେବ। ଏହାପରେ ଜନହିତରେ ଏହାକୁ ଲୋକର୍ପଣ କରାଯିବ।

# ପ୍ରତିବାଦ ଜଣାଇଲା ଯୁବ କଂଗ୍ରେସ

ରାଉରକେଲା ଅଫିସ, ୧୨।୬

**ହକି ସ୍ମାରକୀ ଟଳିପଡ଼ିବା ଘଟଣା**

କାଳବୈଶାଖୀ ପବନରେ ହକି ସ୍ମାରକୀ ଭାଙ୍ଗି ପଡ଼ିବା ଘଟଣାକୁ ନେଇ ସୋମବାର ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ବିମାନ ବନ୍ଦର ଛକରେ ପ୍ରତିବାଦ କରାଯାଇଛି। ଷ୍ଟାଚ୍ୟୁ ନିର୍ମାଣରେ ଗୁଣବତ୍ତା ପ୍ରତି ଆଦୌ ଧ୍ୟାନ ଦିଆଯାଇନାହିଁ ବୋଲି ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ଅଭିଯୋଗ କରିଛନ୍ତି। ଏଥିସହ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ରହସ୍ୟକୁ ଉନ୍ମୋଚନ କରରି ପ୍ରକୃତ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ହକି ବିଶ୍ୱକପ୍ ସମୟରେ ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମିତ ସମସ୍ତ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ସହରବାସୀଙ୍କ ସନ୍ଦେହ ଦୃଢୀଭୂତ ହେବାରେ ଲାଗିଛି ବୋଲି ଯୁବ କଂଗ୍ରେସ ନେତାମାନେ କହିଥିଲେ। ପରେ ସ୍ଥାନୀୟ ବିଧାୟକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ଘଟଣା ପରେ ନବନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଗଲେ ଯୁବ କଂଗ୍ରେସ ଏ ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ସହ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଚେତାବନୀ ଦେଇଛି। ଯୁବ କଂଗ୍ରେସ ଉପସଭାପତି ଇସ୍ତେହାର ମହମ୍ମଦ, ସାଧାରଣ ସମ୍ପାଦକ ମୁକେଶ ସିଂହ, ଯୁବନେତା ସୁମିତ କଂସାରୀ, ରଶ୍ମିରଞ୍ଜନ ପାଢୀ, ବ୍ଲକ ସଭାପତି ବିଜୟ ଆପଟ, ରାଜ୍ୟ ସମ୍ପାଦିକା ଲତା ନାୟକ ପ୍ରମୁଖ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।




ଯୁବ କଂଗ୍ରେସମାନେ କର୍ମକର୍ତ୍ତା ପ୍ରତିବାଦ ଜଣାଉଛନ୍ତି।

# ୧୩ ଦଫା ଦାବିରେ ରେଲୱେ ଷ୍ଟେଶନରେ ଧାରଣା

ରାଉରକେଲା ଅଫିସ, ୧୨।୬

ବାଲେଶ୍ୱର ଟ୍ରେନ ଦୁର୍ଘଟଣା ପରେ ତଦନ୍ତ, କ୍ଷତିପୂରଣ ଓ ରେଳ ଚଳାଚଳ ସ୍ୱାଭାବିକ କରିଦେଇଥିବା କହି ରେଳ ବିଭାଗ କାମ ଶେଷ କରିଦେଇଛନ୍ତି। ତେବେ ନୈତିକତା ଦୃଷ୍ଟିରୁ ରେଳମନ୍ତ୍ରୀ ଏପର୍ଯ୍ୟନ୍ତ ଇସ୍ତଫା ଦେଇନାହାନ୍ତି। ଏହା ବିରୋଧରେ ରାଜ୍ୟର ୧୨ଟି ବିରୋଧୀ ଦଳ ବିଭିନ୍ନ ଷ୍ଟେଶନରେ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଛନ୍ତି। ଏହି ଧାରଣା ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି କ୍ରମରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍) ସିପିଆଇଏମ୍‌ଏଲ୍ (ଲିବରେଶନ) ଓ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ରାଉରକେଲା ରେଲୱେ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପରେ ବନ୍ଧମୁଣ୍ଡା ଏଆରଏମ୍ ଓ ରାଉରକେଲା ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ୧୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସର ଗଣେଶ ପ୍ରଧାନ, ସିପିଆଇ(ଏମ୍)ର ପ୍ରମୋଦ ସାମଲ, ସିପିଆଇ ନେତା ରମେଶ ସେଠୀ, ସିପିଆଇଏମ୍ (ଲିବରେଶନ)ର ନିତ୍ୟ କିଶୋର ମହାନ୍ତି, ଆପ୍‌ର ଭରତ ବାଇ ପ୍ରମୁଖ ନେତୃତ୍ୱ ନେଇଥିଲେ। ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ବିରେନ ସେନାପତି, ରବି ରାୟ, ଜ୍ଞାନେନ୍ଦ୍ର ଦାସ, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରାଜକିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ସଦାନନ୍ଦ ସାହୁ, ଆପ୍‌ର ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଧାରଣାରେ ଅଂଶଗ୍ରହଣ କରିଥିବା ନେତୃମଣ୍ଡଳୀ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ବୃଦ୍ଧା ମୃତ

କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ-୪୨ର ଧାମନଡଙ୍ଗାଠାରେ ସୋମବାର ସକାଳେ ବାଇକ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଧାମନଡଙ୍ଗାର ଲଳିତା ପୁଟେଲ(୬୫)। ବେଲପଡା ଥାନା ପାଲେଶିରା ଗ୍ରାମର ଟେନିସ ବେହେରା କଣ୍ଟାବାଞ୍ଜି ପଟୁ ବାଇକ ଯୋଗେ ଯାଉଥିବା ବେଳେ ଧାମନଡଙ୍ଗାଠାରେ ଶୌଚ କରି ଫେରୁଥିବା ଲଳିତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ରାସ୍ତାରେ ଛିଟିକି ପଡିଥିଲେ। ପରିବାର ଲୋକେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠଶରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ଜୁନାଗଡର ଏକ ଘରୋଇ ବ୍ୟାଙ୍କରେ ଚାକିରି କରୁଥିବା ଜଣାପଡିଛି। ଦୁର୍ଘଟଣାରେ ତାଙ୍କର ବିଶେଷ କିଛି ହୋଇ ନ ଥିବା ବେଳେ ତାଙ୍କୁ କାହିଁକି ବଲାଙ୍ଗୀର ରେଫର କରାଗଲା ବୋଲି ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ଲୋକେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ କଣ୍ଟାବାଞ୍ଜି ଥାନାରେ ଏକ ମାମଲା ରୁଜୁ ହୋଇଛି।

### ମେଡିକାଲ ଷ୍ଟୋରରୁ ଚୋରି

କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ରୋଡ ନଂ.୪ରେ ଥିବା କ୍ରିଷ୍ଣା ମେଡିକାଲ ଷ୍ଟୋରରୁ ରବିବାର ରାତିରେ ଚୋରୀ ହୋଇଛି। ସୋମବାର ସକାଳେ ଏହା ଜାଣିବା ପରେ ଦୋକାନ ମାଲିକ ଦୀପକ ଠାକୁର ଥାନାରେ ଅଭିଯୋଗ କରିଛନ୍ତି। ଷ୍ଟୋରରେ ଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମେଡିସିନ ଚୋରି ହୋଇଥିବା ସେ କହିଛନ୍ତି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରୁଛି। ୩ରୁ ୪ଜଣ ବ୍ୟକ୍ତି ଚୋରିରେ ସମ୍ପୃକ୍ତ ଥିବା ଫୁଟେଜରୁ ଜଣାପଡିଛି। ଦୁଇ ଜଣ ମୁହଁରେ ଗାମୁଛା ଗୁଡାଇ ଔଷଧ ଦୋକାନ ଭିତରକୁ ପଶି ଟଙ୍କା ଡ୍ରକୁ ଭାଙ୍ଗି ଚୋରି କରୁଥିବା ଏଥିରୁ ଜଣାପଡିଛି। ଚୋରି ସମୟରେ ଦୁଇ ଜଣ ଭିତରେ ଥିବା ବେଳେ ବାହାରେ କେତେ ଜଣ ଥିଲେ ଜଣା ପଡିନାହିଁ। ଚୋରମାନେ ନକଲି ଚାବିରେ ତାଲା ଖୋଲି ଥିବା ଜଣାପଡିଛି।

### ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଖଗସା ପଞ୍ଚାୟତ ଅନ୍ତର୍ଗତ ମାକରଚୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସହାୟତା କମିଟି ଅଧକ୍ଷ ହିମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଶିବିରରେ ଜେଏମଏଫସି ପରିତୋଷ ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଦୁଃଖିଶ୍ୟାମ ଗୁରୁଙ୍କ ସହ ଅନ୍ୟ ଓକିଲ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗରିବ ଲୋକଙ୍କ ସେବା କର


ବିଧାୟକ ନରସିଂହ ମିଶ୍ର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ଓ ଅଧୀକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

- ମେଡିକାଲ କଲେଜ ଡିନ୍, ଅଧୀକ୍ଷକଙ୍କ ସହ ଆଲୋଚନା ବେଳେ ବିଧାୟକଙ୍କ ପରାମର୍ଶ
- ସରକାରୀ ହସ୍ପିଟାଲରେ ଡାକ୍ତର କରୁନାହାନ୍ତି ଅସ୍ତ୍ରୋପଚାର
- ଦଲାଲଙ୍କ ସହାୟତାରେ ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ଡାକି ନିଆଯାଉଛି

ବଲାଙ୍ଗୀର ଅଫିସ, ୧୨।୬

ସ୍ୱାସ୍ଥ୍ୟସେବାରେ ପଛୁଆ ପଡିଥିବା ବଲାଙ୍ଗୀର ଏବଂ ପଡୋଶୀ ଜିଲାର ଲୋକଙ୍କୁ ଉତ୍ତମମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା କରାଯାଇଥିଲା। ବଲାଙ୍ଗୀରବାସୀଙ୍କ ଦୀର୍ଘ ଦଶନ୍ଧିର ଲଢ଼େଇ ପରେ ଏଠାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। ଏ ଅଞ୍ଚଳର ଲକ୍ଷାଧିକ ଲୋକ ଏଠାରେ ଉତ୍ତର ସ୍ୱାସ୍ଥ୍ୟ ସେବା ପାଇବା ଆଶା ରଖିଛନ୍ତି। ମାତ୍ର କେତେଜଣ ଦଲାଲ, ବ୍ୟବସାୟୀ ଏବଂ ଡାକ୍ତର ଏଠାକାର ଲୋକଙ୍କୁ ସରକାରୀ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇବା ପରିବର୍ତ୍ତେ ଘରୋଇ ଡାକ୍ତରଖାନାରେ ଅପରେଶନ୍ ଓ ଚିକିତ୍ସା ସେବା ନାଁରେ ଆର୍ଥ ଶୋଷଣ କରୁଥିବା ଅଭିଯୋଗ ହୋଇଆସୁଛି। ଏଭଳି ଅଭିଯୋଗ ବାରମ୍ଵାର ପାଇବା ପରେ ସୋମବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ଆଡମିନିଷ୍ଟ୍ରେଟିଭ୍ କୋଠାରେ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ସବିତା ମହାପାତ୍ର ଏବଂ ହସ୍ପିଟାଲ ଅଧୀକ୍ଷକ ଡା ମାନସୀ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ।

ଆଲୋଚନା ସମୟରେ ବିଧାୟକ ମିଶ୍ର କହିଥିଲେ ଯେ, ଯେଉଁ ସବୁ ଅଭିଯାଗ ବାରମ୍ବାର ହେଉଛି ତାର ସତ୍ୟାସତ୍ୟ ଜାଣିବା ନିହାତି ଆବଶ୍ୟକ। ବିଶେଷ କରି ଅସ୍ଥିଶଲ୍ୟ, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଚିକିତ୍ସା ଓ ଅପରେଶନ୍‌କୁ ନେଇ ଯେଉଁ ଅବହେଳା ଏବଂ ଅଭିଯୋଗ ହେଉଛି ତାହା ତଦନ୍ତ ସାପେକ୍ଷ। ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ତାଙ୍କ ପାଖକୁ ଆସି ରୋଗୀ ଓ ପରିଜନ ଏହି ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ବିଭାଗରେ ସର୍ଜରୀ ପାଇଁ ଟଙ୍କା ଦାବି କରୁଥିବା ଅଭିଯୋଗ ବାରମ୍ବାର ହେଉଛି। ସାଧାରଣ ସର୍ଜରୀ ପାଇଁ ମାସ ମାସ ଅପେକ୍ଷା କରିବାକୁ ରୋଗୀଙ୍କୁ କୁହାଯାଉଛି। ଏପରିକି ମେଡିକାଲ କଲେଜ ହସ୍ପିଟାଲ ଆରମ୍ଭ ହେଲା ପରେ ସହରରେ ଗଢି ଉଠିଥିବା ଛୋଟ ବଡ ଘରୋଇ ଡାକ୍ତରଖାନାକୁ କିଛି ନିର୍ଦ୍ଦିଷ୍ଟ ବିଭାଗର ଡାକ୍ତରମାନେ ଦଲାଲଙ୍କ ଜରିଆରେ ରୋଗୀଙ୍କୁ ନେଇ ଚିକିତ୍ସା ତଥା ସର୍ଜରୀ ପାଇଁ ପ୍ରବର୍ତ୍ତାଉଥିବା ଅଭିଯୋଗ ହେଉଛି। ଏହି ହସ୍ପିଟାଲରେ ସର୍ଜରୀ କରା ନ ଯାଇ କାହିଁକି ଘରୋଇ ଡାକ୍ତରଖାନାମାନଙ୍କୁ ରୋଗୀଙ୍କୁ ନିଆଯାଇ ସର୍ଜରୀ କରାଯାଉଛି ବୋଲି ବିଧାୟକ ମିଶ୍ର ଡିନ୍ ଏବଂ ଅଧୀକ୍ଷକଙ୍କୁ ପ୍ରଶ୍ନ କରିଥିଲେ। ହୃଦରୋଗୀଙ୍କ ପାଇଁ ଆବଶ୍ୟକ ସାଧାରଣ ଇସିଜି ଆଶୁ ଚିକିତ୍ସା ବିଭାଗରେ ଉପଲବ୍ଧ ହେଉ ନ ଥିବା ଅଭିଯୋଗ ଉପରେ ଉଭୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଆଗକୁ ଯେପରି ହୃଦ୍ ରୋଗୀମାନେ ଠିକ୍ ହିସାବରେ ଇସିଜି ସୁବିଧା ପାଇପାରିବେ ସେ ଉପରେ ଧ୍ୟାନ ଦେବାକୁ ବିଧାୟକ ମିଶ୍ର କହିଥିଲେ। ଡାଏଲେସିସ ବିଭାଗ, ଡାକ୍ତର ସମସ୍ୟା ତଥା ଅନ୍ୟାନ୍ୟ ପଦବୀଗୁଡିକ ସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଆଗକୁ ଯେମିତି ହାଇଡ୍ରୋସିଲ, ହର୍ନିଆ, ଗଲ ବ୍ଲଡରଷ୍ଟୋନ ସହ ଅର୍ଥୋପେଡିକ ସର୍ଜରୀ ଠିକ୍ ହିସାବରେ ହସ୍ପିଟାଲରେ ହୋଇପାରିବ ସେ ଉପରେ ଡାକ୍ତରମାନେ ଧ୍ୟାନ ଦିଅନ୍ତୁ ବୋଲି ବିଧାୟକ ମିଶ୍ର ଡିନ୍ ଓ ଅଧୀକ୍ଷକଙ୍କୁ କହିଥିଲେ। ରୋଗୀଙ୍କ ସେବା ଉପରେ ଡାକ୍ତରମାନେ ଅଧିକ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ମନୀଷ ମିଶ୍ର ଉପସ୍ଥିତ ଥିଲେ।

# ସମସ୍ୟା ନିରାକରଣ ନେଇ ଆଗକୁ ଆସନ୍ତୁ ସଚେତନବର୍ଗ



ଶିଶୁ ଶ୍ରମିକ ନିରାକରଣ ନେଇ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି।

### ଶିଶୁ ଶ୍ରମିକ ନିରୋଧ ନେଇ ସଚେତନତା ଶିବିର

ଟିଟିଲାଗଡ଼, ୧୨।୬(ଡି.ଏନ.ଏ.)

ତାଲୁକ ସ୍ତରୀୟ ଆଇନ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ବ୍ଲକ ଅନ୍ତର୍ଗତ ଘୋଡାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମିକ ସମସ୍ୟା ଓ ଏହାର ନିରାକରଣ ନେଇ ଏକ ସଚେତନତା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ତାଲୁକ ସମିତି ଅଧକ୍ଷ ତଥା ଭାରପ୍ରାପ୍ତ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ଜଜ ରମାକାନ୍ତ ମହାନ୍ତି ସଭାରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ସଚେତନ ବର୍ଗ ଶିଶୁ ଶ୍ରମିକ ସମସ୍ୟା ନିରାକରଣ ନେଇ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଶିଶୁ ଶ୍ରମିକ ନିରୋଧ ନେଇ ରହିଥିବା ଆଇନ ସମ୍ପର୍କରେ ବିଚାରପତି ଆଲୋକପାତ କରିଥିଲେ। ସଭାରେ ଶ୍ରମ ନିରୀକ୍ଷକ ଟିଟିଲାଗଡ଼ ପ୍ରଶାନ୍ତ ସୁନା, ସମିତି ରିଟେନର ସନ୍ଧ୍ୟା ଥପା, ଘୋଡାର ସରପଞ୍ଚ ପ୍ରିୟବତୀ ବର୍ଗର୍ତ୍ତିପ୍ରମୁଖ ମତବ୍ୟକ୍ତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଚତୁର୍ଭୁଜ ପ୍ରଧାନ, ପିଏଲଭି ନୀଳାମ୍ବର ବେହେରା, ପରମାନନ୍ଦ ତାଣ୍ଡି, ସମିତି କିରାଣୀ ଜୀବର୍ଦ୍ଧନ ଛତ୍ରିଆ, କେ.ସି.ଦାସ ପ୍ରମୁଖ ସହାୟତା କରିଥିଲେ।

# ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହେଲେ ହିତାଧିକାରୀ


ଭତ୍ତା ଟଙ୍କା ପାଇ ନ ଥିବା ଅଭିଯୋଗ କରୁଥିବା ହିତାଧିକାରୀ।

### ଚାରି ମାସ ହେଲା ମିଳିନି ଭତ୍ତା ଟଙ୍କା

ଖପ୍ରାଖୋଲ, ୧୨।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କେଲ ଗାଁର କେତେକ ହିତାଧିକାରୀ ଚାରି ମାସ ହେଲା ଭତ୍ତା ଟଙ୍କା ପାଇ ନାହାନ୍ତି। ଏହିଭଳି ଅଭିଯୋଗ କରି ସେମାନେ ସୋମବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସୂଚନା ଅନୁସାରେ ହିତାଧିକାରୀମାନେ ପୂର୍ବରୁ ପଞ୍ଚାୟତ କର୍ମଚାରୀଙ୍କ ପାଖରୁ ସିଧାସଳଖ ଭତ୍ତା ଟଙ୍କା ପାଉଥିଲେ। ଚାରି ମାସ ହେଲା ଡିବିଟି ମାଧ୍ୟମରେ ବ୍ୟାଙ୍କ ଖାତାରେ ଟଙ୍କା ମିଳିବ ବୋଲି ସୂଚନା ଦିଆଯାଇଛି। ହେଲେ ହିତାଧିକାରୀମାନେ ନିଜ ବ୍ୟାଙ୍କ ଖାତା ଯାଞ୍ଚ କଲେ ମଧ୍ୟ ଟଙ୍କା ଜମା ହୋଇ ନ ଥିବା ଜାଣିବାକୁ ପାଇ ହତାଶ ହୋଇଛନ୍ତି। ଏନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଲେ କିଛି ଫଳ ମିଳି ନ ଥିଲା। ଏଣୁ ଟାଣ ଖରାରେ ଭତ୍ତା ଟଙ୍କା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯଶୋବନ୍ତି ଶଗଡ଼ିଆ, ସବିତା କଟା, ଦେବକୀ ଭୁଏ, ଗୋମତୀ ଦାସ, ବାଳିକା ବିଭାର ପ୍ରମୁଖ ଆସିଥିଲେ। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କୁ ପଚାରିବାରୁ ହିତାଧିକାରୀମାନେ ଅଭିଯୋଗ ପାଇଁ ଆସିଥିବା ବେଳେ ତାଙ୍କ ଭତ୍ତା ଟଙ୍କା ଡିବିଟି ମାଧ୍ୟମରେ ଯେଉଁ ବ୍ୟାଙ୍କ ଖାତାରେ ଜମା ହୋଇଛି ତାହା ତାଙ୍କୁ ଜଣାଇ ଦେଇଛୁ। ଚଳିତ ମାସରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ମଧୁବାବୁ ପେନସନ ହିତାଧିକାରୀଙ୍କୁ ସିଧାସଳଖ ଭତ୍ତା ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଅଯୁବ ଖାନ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲ ଉଦ୍‌ଘାଟିତ

କଣ୍ଟାବାଞ୍ଜି, ୧୨।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଅଯୁବ ଖାନ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ହସ୍ତତନ୍ତ୍ର ମନ୍ତ୍ରୀ ରୀତା ସାହୁ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂହଦେଓ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୂର୍ବତନ ବିଧାୟକ ଅଯୁବ ଖାନ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲର ମ୍ୟାନେଜିଙ୍ଗ ଡାଇରେକ୍ଟର ଡା.ଅମଜଦ ଖାନ ପରିଚାଳନା କରିଥିଲେ। କଣ୍ଟାବାଞ୍ଜି ଭଳି ଅଞ୍ଚଳରେ କିଡ଼ନି ଟ୍ରାନ୍ସପଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଏହି ଅତ୍ୟାଧୁନିକ ଡାକ୍ତରଖାନାରେ କରାଯାଇ ପାରିବ ବୋଲି ପୂର୍ବତନ ବିଧାୟକ ଅଯୁବ ଖାନଙ୍କ ପୁତ୍ର ତଥା ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଡା.ଅମଜଦ ଖାନ କହିଛନ୍ତି।

# ୧୨ ଦିନରେ ଅମଲା ମଞ୍ଚ ଆନ୍ଦୋଳନ



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଅମଲାମାନେ।

ବଲାଙ୍ଗୀର ଅଫିସ, ୧୨।୬

ଗ୍ରେଡ ପେ ବୃଦ୍ଧି ଦାବିରେ ମିଳିତ ଅମଲା ମଞ୍ଚ ପକ୍ଷରୁ ଚାଲିଥିବା ଧାରଣା ଓ ଆନ୍ଦୋଳନ ସୋମବାର ୧୨ ଦିନରେ ପହଞ୍ଚିଛି। ମିଳିତ ଅମଲା ମଞ୍ଚ ଅଧକ୍ଷ ବୀରେନ୍ଦ୍ର ବନ୍‌ଛୋରଙ୍କ ଅଧକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରହିଥିଲା। ଏହି ଧାରଣାରେ ବିଭିନ୍ନ ସଙ୍ଗଠନ ସଦସ୍ୟ ଯୋଗଦାନ କରିଥିଲେ। ଆଜି ଭିଲେଜର୍ସ ଇଣ୍ଡିଆ ପାର୍ଟି ମୁଖ୍ୟ ବିପିନ କୁଶଲିଆ, ବରିଷ୍ଠ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ତଥା ଓଷ୍ଟା ସଦସ୍ୟ ତାରାକାନ୍ତ ମିଶ୍ର ଅମଲାଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ଅମଲାଙ୍କ ଦାବି ଯୁକ୍ତିଯୁକ୍ତ ଓ ଏହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ଆନ୍ଦୋଳନରେ ଅମଲା ସଂଘର ବହୁ କର୍ମଚାରୀ ଉପସ୍ଥିତ ରହି ସରକାରଙ୍କ ଜିଦ୍ ଏବଂ ଅମଲାଙ୍କ ନାର୍ଯ୍ୟ ଦାବି ପ୍ରତି ଉଦାସୀନତା ଉପରେ ପ୍ରତିବାଦ ଜଣାଇଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏପରି ଆନ୍ଦୋଳନ ଜାରି ରହିବ ବୋଲି ମିଳିତ ଅମଲା ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ଧାରଣାରେ ଜିଲା ମିଳିତ ମଞ୍ଚ ସଭାପତି ବନ୍‌ଛୋର, ଆବାହକ ସୁଧାକର ମହାପାତ୍ର, ରାଜସ୍ୱ ଅମଲା ସଂଘ ଜିଲା ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ଚୈତନ୍ୟ ବାଗ, ଓଡିଶା ଅମଲା ସଂଘ ଜିଲା ସଭାପତି ଅନନ୍ତ ନାରାୟଣ ପାଣିଗ୍ରାହୀ, କୋଷାଧକ୍ଷ ଦୁର୍ଗା ଶକ୍ତି କୁମାର, ସରୋଜ ହୋତା, ବିଶ୍ୱନାଥ ମେହେର, ଶ୍ରୀନିବାସ ମିଶ୍ର, ସୁରେନ୍ଦ୍ର ବାବୁ, ନିହାର ରଞ୍ଜନ ପଣ୍ଡା, ରାଜେନ୍ଦ୍ର ସିଂହଦେଓ, ରଶ୍ମିତା ନାଗ, ସୁଶାନ୍ତ ମିଶ୍ର, ସୁନୀଲ ମିଶ୍ର ତଥା ବରିଷ୍ଠ ଅମଲା ହରିବନ୍ଧୁ ପାଣି ଓ ସୁଧୀର ତ୍ରିପାଠୀ ରାଜ୍ୟ ସରକାରଙ୍କୁ ଅମଲାଙ୍କ ଏକମାତ୍ର ନାର୍ଯ୍ୟ ଦାବି ପ୍ରତି ଯଥାଶୀଘ୍ର ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ। ଓଡିଶା ଅମଲା ସଂଘ ମିଡିଆ ସମ୍ପାଦକ ଅର୍ଜୁନ କୁମାର ସଭା ପରିଚାଳନା କରିଥିଲେ।

### ବିଭିନ୍ନ ସଙ୍ଗଠନର ସମର୍ଥନ

# ୮୯ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

ଲୋଇସିଂହା, ୧୨।୬(ଡି.ଏନ.ଏ.)


ଜିଲାପାଳ ଓ ଏସ୍‌ପି ଜନଅଭିଯୋଗର ଶୁଣାଣି କରୁଛନ୍ତି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଭାଗୃହ ପରିସରରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୮୯ଟି ଅଭିଯୋଗ ଦାଖଲ ହୋଇଥିଲା। ଏହି ଅବସରରେ ବ୍ଲକର ୪ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ରିଷିକେଶ ଖିଲାରି, ଉପଜିଲାପାଳ କୁମାର ନାଗଭୂଷଣ, ଜିଲାପ୍ରକଳ୍ପ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଅତିରିକ୍ତ ଜିଲାପାଳ ହିତାଂଶୁ ସାମଲ, ଜରୁରୀକାଳୀନ ଅଧିକାରୀ ଶୁଭସ୍ମିତା ମିଶ୍ର, ବିଡିଓ ଶଙ୍କର କେରକେଟା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଯୋଗାଣ ନିରୀକ୍ଷକ ଏବଂ ବିଭିନ୍ନ ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଓ ପିଇଓ ପଦବୀ ଖାଲି ପଡିଥିବାରୁ ଉନ୍ନୟନ କାମରେ ବାଧା ସୃଷ୍ଟି ହେଉଛି। ଏଣୁ ଏସବୁ ପଦବୀ ଶୀଘ୍ର ପୂରଣ ଦିଗରେ ପଦକ୍ଷେପ ନେବାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିଲାପାଳଙ୍କୁ ଲିଖିତ ଭାବେ ଶିବିରରେ ଅବଗତ କରିଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ଲୋଇସିଂହା, ୧୨।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସେବା ଓ ସୁଶାସନ ପାଳନ ଅବସରରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକରେ ପ୍ରଥମ କେନ୍ଦ୍ର ଭାବେ ଏହା ଲୋକାର୍ପଣ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ମାର୍କେଡ ପ୍ରାଇସ ଯେ କୌଣସି ଔଷଧର ୫୦ରୁ ୯୦ ପ୍ରତିଶତ କମ ଦାମରେ ମିଳିବ। ସବୁବର୍ଗର ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ସମ୍ମାନୀତ ଅତିଥି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ କହିଛନ୍ତି ଲୋଇସିଂହାରେ ଏହି କେନ୍ଦ୍ରର ଆବଶ୍ୟକତା ରହିଥିଲା। ବିଶେଷ କରି ଏହି କେନ୍ଦ୍ର ଗରିବ ଲୋକଙ୍କୁ ସହାୟକ ହେବ ବୋଲି ସେ କହିଥିଲେ। ଏଠାକାର ଜନସାଧାରଣଙ୍କୁ ଆଉ ବଲାଙ୍ଗୀର କିମ୍ବା ଦୂରଦୂରାନ୍ତକୁ ଆଉ ଯିବାକୁ ପଡିବ ନାହିଁ ବୋଲି ଅନ୍ୟତମ ଅତିଥି ଡା ସୂର୍ଯ୍ୟକାନ୍ତ ମହାପାତ୍ର କହିଥିଲେ।


ବିଧାୟକ ମୁକେଶ ମହାଲିଙ୍ଗ ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ପାଚେରି ନାହିଁ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତା

### ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ

- ୮ ବର୍ଷ ତଳେ ରାସ୍ତା ପ୍ରଶସ୍ତୀକରଣ ବେଳେ ଭଙ୍ଗାଯାଇଥିଲା ପାଚେରି

ଲାଠୋର, ୧୨।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟ। ଏହି ଶିକ୍ଷାନୁଷ୍ଠାନରେ ଯୁକ୍ତ ୩କଳା ଓ ବାଣିଜ୍ୟରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମହାବିଦ୍ୟାଳୟର ପାଚେରି ନ ଥିବାରୁ ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ପାଚେରି ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୦୨ ମସିହାରେ ସ୍ଥାପିତ ହୋଇଥିବା ଏହି ମହାବିଦ୍ୟାଳୟର ୪ଶହ ମିଟର ଲମ୍ବ ପାଚେରି ରହିଥିଲା। ହେଲେ ଗତ ୨୦୧୫ ମସିହାରେ ଲାଠୋର-ବେନ୍ଦର ରାସ୍ତା ପ୍ରଶସ୍ତିକରଣ ସମୟରେ ପ୍ରାୟ ୮୦ ମିଟର ପାଚେରି ଭଙ୍ଗା ଯାଇଥିଲା। ହେଲେ ରାସ୍ତା କାମ ସରିଥିଲେ ବି ଭାଙ୍ଗି ଯାଇଥିବା ପାଚେରି ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ମହବିଦ୍ୟାଳୟ ପକ୍ଷରୁ ସେଠାରେ ଅସ୍ଥାୟୀ ତାର ବାଡ଼ ଦିଆଯାଇଥିଲା। ହେଲେ ଅସାମାଜିକ ବ୍ୟକ୍ତିମାନେ ସେହି ତାରବାଡ଼ ଭାଙ୍ଗି ମହାବିଦ୍ୟାଳୟ ଭିତରକୁ ରାତିରେ ପ୍ରବେଶ କରି ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏହାକୁ ନେଇ ମହାବିଦ୍ୟାଳୟ ପକ୍ଷରୁ ଲାଠୋର ଥାନାକୁ ଅବଗତ କରାଯାଇଛି। ଏପରିକି ଅଣଛାତ୍ରମାନେ ମହାବିଦ୍ୟାଳୟ ଚାଲିବା ସମୟରେ ମଧ୍ୟ ସେହି ଭଙ୍ଗା ପାଚେରି ବାହାରେ ରୁଣ୍ଡ ହୋଇ ବିଭ୍ରାଟ ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ସମସ୍ୟା ସହ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟାଦୃଷ୍ଟିରୁ ଆବଶ୍ୟକ ଶୌଚାଳୟ ନାହିଁ। ଯେଉଁ ଶୌଚାଳୟ ରହିଛି ସେଥିରୁ ଅଧିକାଂଶ ଅକାମି ହୋଇ ପଡ଼ି ରହିଛି। ଏହି ସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତତ୍କାଳୀନ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ରାଉତଙ୍କୁ ଅନୁରୋଧ କରାଯାଇଥିଲା। ସେ ନିର୍ଭର ପ୍ରତିଶ୍ରୁତି ଦେବା ସହ ଏ ସମ୍ପର୍କିତ ପ୍ରସ୍ତାବ ଉପର ମହଲରେ ଅନୁମୋଦିତ ହୋଇଯାଇଛି, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଥିଲେ। ପ୍ରତିଶ୍ରୁତିର ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ ଦାସ କହିଛନ୍ତି। ସରକାର ୫-ଟି ମାଧ୍ୟମରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଗ୍ରହଣ କରୁଥିବା ବେଳେ ଉପାନ୍ତ ଅଞ୍ଚଳରେ ଗଢି ଉଠିଥିବା ବ୍ଲକର ଏକ ମାତ୍ର ଡ଼ିଗ୍ରୀ ମହାବିଦ୍ୟାଳୟ ପ୍ରତି ଅଣଦେଖା ଅସନ୍ତୋଷ ସୃଷ୍ଟି କରୁଛି। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**୧୨ ଦିନରେ ଅମଲା ଧର୍ମଘଟ**

ପଦ୍ମପୁର (ଡି.ଏନ୍.ଏ.): ପଦ୍ମପୁର ଉପ ଖଣ୍ଡରେ ଅମଲାମାନଙ୍କ ଧର୍ମଘଟ ୧୨ ଦିନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ପ୍ରକାରର ପଦକ୍ଷେପ ନିଆଯାଇନାହିଁ। ପ୍ରତିଦିନ ଅମଲାମାନେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ଥିବାରୁ ଅଫିସ କାର୍ଯ୍ୟ ବନ୍ଦ ରହିଛି। ସାଧାରଣ ଲୋକେ ବିଭିନ୍ନ କାମ ପାଇଁ ଅଫିସ ଆସି ଫେରି ଯାଉଛନ୍ତି।

## ସଂକ୍ଷେପରେ


### ୧୦ ଥାନାରେ ନୂତନ ଆଇଆଇସି

**ବରଗଡ଼ ଅଫିସ୍,୧୨।୬:** ବରଗଡ଼ ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ଥାନାଧିକାରୀ (ଆଇଆଇସି)ଙ୍କ ଜିଲା ବାହାରକୁ ବଦଳି ହେବା ପରେ ସମ୍ପୃକ୍ତ ଥାନା ଗୁଡ଼ିକରେ ନୂତନ ଆଇଆଇସିଙ୍କୁ ଅବସ୍ଥାପିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲା ପୋଲିସ ମୁଖ୍ୟାଳୟରୁ ପ୍ରଶାନ୍ତ କୁମାର ସାମଲଙ୍କୁ ଗାଇସିଲେଟ, କଲ୍ୟାଣୀ ବେହେରାଙ୍କୁ ବିଜେପୁର, ମମତା ନାଏକଙ୍କୁ ପଦ୍ମପୁର, ଜୟରଶ୍ମୀ ସେଠୀଙ୍କୁ ବରପାଲି, ବିଭୂତି ଭୂଷଣ ଦଳେଇଙ୍କୁ ଭଟଲି ଥାନାରେ ଅବସ୍ଥାପିତ କରାଯାଇଛି। ସେହିପରି ଶୁଚୀସ୍ମିତା ମହାନ୍ତିଙ୍କୁ ଝାରବନ୍ଧ, ବୁଲୁ ମୁଣ୍ଡାଙ୍କୁ ଅମ୍ବାଭୋନା, କ୍ରେସେନସିଆ ସାମାରିଆଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନା ଏବଂ ଗୀତିରଞ୍ଜନ ମହାପାତ୍ରଙ୍କୁ ଡିସିଆର୍‌ବି ଇନ୍ସପେକ୍ଟର ଭାବେ ଅବସ୍ଥାପିତ କରାଯାଇଛି। ଭେଡ଼େନ ଥାନା ଆଇଆଇସି ସଙ୍ଗୀତା ମହାପାତ୍ରଙ୍କୁ ମେଲଛାମୁଣ୍ଡା ଥାନାକୁ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ଜିଲା ପୋଲିସ ମୁଖ୍ୟାଳୟର ପ୍ରେମଜିତ ଦାସଙ୍କୁ ଅବସ୍ଥାପିତ କରାଯାଇଛି । ପ୍ରକାଶଥାଉକି, ଏହା ପୂର୍ବରୁ ଅତାବିରା ଥାନାରେ ସୁକୁମାର ତ୍ରିପାଠୀ ଏବଂ ବରଗଡ଼ ସଦର ଥାନାରେ ମାନସ କୁମାର ଭୋଇ ଥାନା ଆଇଆଇସି ଭାବେ ଅବସ୍ଥାପିତ ହୋଇ ସାରିଛନ୍ତି ।

### ବାପଘରେ ନବ ବିବାହିତାଙ୍କ ଆତ୍ମହତ୍ୟା

**ଝାରବନ୍ଧ,୧୨।୬(ଡି.ଏନ.ଏ.):** ବରଗଡ଼ ଜିଲା ଝାରବନ୍ଧ ଥାନା କୁର୍ଲୁପାଲି ଗ୍ରାମପଞ୍ଚାୟତ ଅଧୀନ ବେହେରାଡୁବୁରୀ ଗ୍ରାମରେ ସୋମବାର ଜଣେ ନବ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଉକ୍ତ ଗ୍ରାମର ଅଞ୍ଜଳି ପ୍ରଧାନ(୨୫)। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ଏ ନେଇ ଝାରବନ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮।୨୩) ରୁଜୁ କରି ତଦନ୍ତ ଚାଲିଛି। ସୂଚନା ଅନୁସାରେ, ଝାରବନ୍ଧ ଥାନା ବେହେରାଡୁବୁରୀ ଗ୍ରାମର ଶାନ୍ତିଲାଲ ପ୍ରଧାନଙ୍କ ଝିଅ ଅଞ୍ଜଳି ଗତ ୧ ତାରିଖରେ ପାଇକମାଲ ଥାନା ଅଧୀନ ବରତୁଣ୍ଡା ଗ୍ରାମର ଦୁର୍ଲଭ ପ୍ରଧାନଙ୍କ ପୁଅ ଗଙ୍ଗାଧରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଗତ ଶନିବାର ଝିଅର ଶାଶୂ ଘର ଲୋକେ ନିଜ ବୋହୂକୁ ଧରି ବେହେରାଡୁବୁରୀ ଗ୍ରାମକୁ ଆସିଥିଲେ। ତେବେ ରବିବାର ମଧ୍ୟାହ୍ନ ୧୨ଟା ସମୟରେ ଅଞ୍ଜଳି ନିଜ ବାପଘରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘର କବାଟ ବାଡେଇଥିଲେ ମଧ ସେ ନ ଶୁଣିବାରୁ ଝାରବନ୍ଧ ଥାନାକୁ ଖବର ଦେଇଥିଲେ। ଖବର ପାଇ ଝାରବନ୍ଧ ଥାନାଧିକାରୀଙ୍କ ଦାୟିତ୍ୱରେ ଥିବା ପାଇକମାଲ ଥାନାଧିକାରୀ ସୁଶାନ୍ତ କୁମାର ବଢେଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଖୋଲିବାରୁ ଅଞ୍ଜଳିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ।

### ମାରୱାଡ଼ି ଯୁବାମଞ୍ଚର ରକ୍ତଦାନ ଶିବିର



**ବରପାଲି,୧୨।୬(ଡି.ଏନ.ଏ.):** ବରପାଲି ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବରପାଲି କେନାଲ ରୋଡ୍ ସ୍ଥିତ ଆମ୍ବେଡ୍‌କର ଭବନରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନଗରପାଳ ଦୀନେଶ ଗହୀର, ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ ଉପ ସଭାପତି ସୁମିତ ସାୱଡିଆ, ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବାମଞ୍ଚ ରାଜ୍ୟ ଯୁଗ୍ମ ସମ୍ପାଦକ କିଶନ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ମୋଟ୍ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ବରଗଡ଼ ବ୍ଲଡ଼ ବ୍ୟାଙ୍କ କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରପାଲି ଶାଖାର ହରିଶ ଅଗ୍ରୱାଲ, ପ୍ରମୋଦ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ଅମିତ ଅଗ୍ରୱାଲ, ଅଜୟ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ପିୟୂଷ ଅଗ୍ରୱାଲ, ବିକି ଅଗ୍ରୱାଲ, ଆକାଶ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ।

# ମଦ ବିରୋଧରେ ତାତିଲେ ମହିଳା

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲାର ଗାଁଠୁ ସହର ସବୁଆଡ଼େ ଚୋରାମଦ କାରବାର ବଢ଼ି ଚାଲିଛି। ସ୍ଥାନୀୟ ଅବକାରୀ, ପୋଲିସ ପ୍ରଶାସନ ସେଥିପ୍ରତି ଆଖିବୁଜି ଦେଇଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଗ୍ରାମର ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି। ଗ୍ରାମକୁ ମଦମୁକ୍ତ କରିବାର ସଂକଳ୍ପ ନେଇ ସୋମବାର ଜିଲାର ଅମ୍ବାଭୋନା ଥାନା ଅନ୍ତର୍ଗତ ଦ୍ୱାରି ଗ୍ରାମର ଏସ୍‌ଏଚ୍‌ଜି ମହିଳାମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଦ୍ୱାରି ଗ୍ରାମକୁ ପ୍ରତିଦିନ ପ୍ରକାଶପୁର (ଭୁକ୍ତା) ମଦଭାଟିରୁ ମଦ ଚୋରାଚାଲାଣ ହେଉଛି। ଗ୍ରାମର କେତେକ ଗଳିକନ୍ଦିରେ ଚୋରାମଦ କାରବାର ଚାଲୁଥିବା ଯୋଗୁ କୋମଳମତି ପିଲାଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ସେହିପରି ନିଶାସକ୍ତ ଲୋକଙ୍କ ଦୌରାତ୍ମ୍ୟ ଯୋଗୁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଥିବାବେଳେ ଏଥିପାଇଁ ବିଭିନ୍ନ ସମୟରେ ଗଣ୍ଡଗୋଳ ମଧ୍ୟ ଉପୁଜୁଛି। ଫଳରେ ଗ୍ରାମକୁ ମଦମୁକ୍ତ କରିବାକୁ ନିଷ୍ପତ୍ତି ନେଇଥିବା ମହିଳାମାନେ କହିଛନ୍ତି। ଏହି ଦୃଷ୍ଟିରୁ ଦ୍ୱାରି ଗ୍ରାମରେ ମଦ କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ପୋଲିସ, ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ତପସ୍ୱିନୀ ପ୍ରଧାନ, ରକ୍ମଣୀ ସତନାମୀ, ସତ୍ୟବତୀ ଧରୁଆ, ଭଗବତୀ ବାଗ, ସୁରେଖା ମୁଗ୍ରୀ ପ୍ରମୁଖ ମହିଳା ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ମଦ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗୁରୁର୍ଲା ସ୍ଥିତ ଜିଲା ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜନ ଭାଗିଦାରୀ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଇଡି କଲେଜର ଅବସରପ୍ରାପ୍ତ ପ୍ରଫେସର ଉମେଶ ଚନ୍ଦ୍ର ଖାଡଙ୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନତା ପାଇଁ ମା' ବାପା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ପ୍ରଧାନ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି )ର ଭାରପ୍ରାପ୍ତ ଅଧକ୍ଷା ସୀମାଞ୍ଜଳି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଆଧିକାରୀ ରାଧାକାନ୍ତ ଛତ୍ରୀ, ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ , ଅମୃତା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସଚେତନତା ପାଇଁ ଆବଶ୍ୟକ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ସଂକୀର୍ତ୍ତନରେ ଅଶ୍ଳୀଳତାକୁ ବିରୋଧ

**ବରଗଡ଼ ଅଫିସ୍, ୧୨।୬**

ସମ୍ପ୍ରତି ସଂକୀର୍ତ୍ତନରେ ଦିନକୁ ଦିନ ଅଶ୍ଳୀଳ ଓ ଦ୍ୱି ଅର୍ଥବୋଧକ ଗୀତ ବଢି ଚାଲିଛି। ଏହା ସହିତ ବାଦୀ ସଂକୀର୍ତ୍ତନ ନାମରେ ଦଳ ଦଳ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇ ଭାବ, ଭକ୍ତି ଓ ଆଧ୍ୟାତ୍ମିକତାଠାରୁ ଦୂରେଇ ଯାଇ ଆମ ସଂସ୍କୃତିକୁ ବିକୃତ ଓ କଦର୍ଯ୍ୟ କରାଯାଉଛି। ଏହା ସମାଜ ଉପରେ କୁପ୍ରଭାବ ପକାଉଥିବା ଅଭିଯୋଗ କରି ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଏହାକୁ ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା ସଂକୀର୍ତ୍ତନ ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ସହ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ଗୋପାଳ ମିଶ୍ର ଓ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ନେତୃତ୍ୱରେ ପରିଷଦର ଏକ ପ୍ରତିନିଧି ଦଳ ଜିଲା ସଂସ୍କୃତି ଅଧିକାରୀ ପଣ୍ଡାଙ୍କୁ ଭେଟିଥିଲେ। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବଙ୍କ ଉଦ୍ଦେଶ୍ୟରେ ତାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶସ୍ତା ଲୋକପ୍ରିୟତା ପାଇଁ ସଂକୀର୍ତ୍ତନ ସଂସ୍କୃତିକୁ ନଷ୍ଟ କରି ସଂକୀର୍ତ୍ତନ ପରିବେଷଣ କରୁଥିବା ସଂକୀର୍ତ୍ତନ ଓ ଦଳକୁ ନିଷିଦ୍ଧ କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି ସଂକୀର୍ତ୍ତନ ସଂସ୍କୃତିରେ ସଂସ୍କାର ଆଣିବା ପାଇଁ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ପରିଷଦର ସମ୍ପାଦକ ଜୟଦେବ ପଣ୍ଡା, ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ସାହୁ, ନୀଳ ଦେବତା, ବିଶ୍ୱନାଥ ପ୍ରଧାନ, ମଧୁସୂଦନ ମେହେର, ସୋମନାଥ ପ୍ରଧାନ, ମନୋଜ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ସଂସ୍କୃତି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ବୋଲେରୋ ଦୁର୍ଘଟଣାରେ ଜଣେ ମୃତ, ୬ ଗୁରୁତର

**ବାଉଁଶୁଣୀ, ୧୨।୬(ଡି.ଏନ.ଏ.)**

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥର ବାଉଁଶୁଣୀ ଥାନା ଅନ୍ତର୍ଗତ ଦନ୍ତାପାଲି ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଦୁର୍ଘଟଣା ଘଟିଛି। ଏକ ବୋଲେରୋର ଆଗ ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟିପଡ଼ିଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୀତାଞ୍ଜଳି ବେହେରା। ଓଡି ୦୩ ଭି ୩୪୯୩ ନଂ. ବିଶିଷ୍ଟ ଏହି ବୋଲେରୋ ଫୁଲବାଣୀରୁ ଟିଁଲାଗଡ଼ ଅଭିମୁଖେ ଯାଉଥିଲା। ସେହି ଗାଡ଼ିରେ ୭ ଜଣ ଥିଲେ। ଦୁର୍ଘଟଣା ପରେ ସମସ୍ତ ଯାତ୍ରୀ ଆହତ ହୋଇଛନ୍ତି। ସଙ୍ଗେ ସଙ୍ଗେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରୀତାଞ୍ଜଳିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୋନପୁର ଜିଲା ଡାକ୍ତରଖାନା ପଠାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଆହତମାନେ ହେଲେ ପୁଷ୍ପାଞ୍ଜଳି ସାହୁ, ଶାଳିନୀ ସାହୁ, ପ୍ରଦୀପ ସାହୁ, ବିକ୍ରମ ସାହୁ, ଶିବାନୀ ସାହୁ, ଓମ ବେହେରା। ଏମାନଙ୍କୁ ବୌଦ୍ଧ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୨୦ ଅଭିଯୋଗର ଶୁଣାଣି ହେଲା

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲା ଭଟଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ପି. ଏସ୍ ମୀନା, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର କେର୍କେଟା, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ବିଡ଼ିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ଜି. ରଶ୍ମିରେଖା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୬ଟି ବ୍ୟକ୍ତିଗତ ଏବଂ ୪ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣି ସେଗୁଡ଼ିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀବୃନ୍ଦ।

# ବାଳ ଶ୍ରମିକ ନିରୋଧକୁ ଗୁରୁତ୍ୱ




ବିଶ୍ୱ ବାଳ ଶ୍ରମିକ ନିରୋଧ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୧୨।୬**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋମବାର ବିଶ୍ୱ ବାଳ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ସଚେତନତା ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ କମଳାକାନ୍ତ ରାଉତ ଅଧ୍ୟକ୍ଷତା କରିଥିଲେ। ସଚେତନତା ସଭାରେ ଶିଶୁମାନଙ୍କ ସୁରକ୍ଷା, ସାମ୍ବିଧାନିକ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଆଡ଼ଭୋକେଟ୍ କିରଣ କୁମାର ମିଶ୍ରଙ୍କ ସମେତ ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି), ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକର୍ତ୍ତା, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ପାଚିକା, ସହାୟିକା ଶିବିର ଉଦ୍‌ଯାପିତ


**ପାଇକମାଲ, ୧୨।୬(ଡି.ଏନ୍.ଏ.)**

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ପାଚିକା, ସହାୟିକା ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ସୁରେନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି, ତହସିଲଦାର ଅକ୍ଷୟ କୁମାର ବାଗ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଏବିଡିଓ ଦେବାଶିଷ ସିହ୍ନା, ପ୍ରେମାନନ୍ଦ ବାରିକ, ଏବିଇଓ ଶିବ ପ୍ରସାଦ ଯୋଷୀ, ରାଧେଶ୍ୟାମ ମେହେର ପାଚିକାମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। ଡୋଲାମଣି ମାହାର, ରଞ୍ଜନ ବାଗ, ଜାନକୀ ବେହେରା, ଉର୍ମିଳା ମେହେର ୧୫୫ ଜଣ ପାଚିକା ସହାୟିକାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସୁଦାମ ପାଣ୍ଡେ, ରଜତ କୁମାର ସାହୁ, ଆନନ୍ଦିନୀ ସେଠ, ମଧୁସ୍ମିତା ମେହେର ସହଯୋଗ କରିଥିଲେ। ତ୍ରିଲୋଚନ ନାଏକ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାରେ ପାଇଖାନା ପାଣି, ଏନ୍‌ଏସି ନୀରବଦ୍ରଷ୍ଟା

**ବରପାଲି,୧୨।୬(ଡି.ଏନ.ଏ.)**

ବରପାଲି ଏନ୍‌ଏସି ଅଧୀନ ୨ ନମ୍ବର ୱାର୍ଡ ୱାର୍ଡ ଶାନ୍ତିନଗର ପଡ଼ାର ଏକ ରାସ୍ତା ଉପରେ ପାଇଖାନା ପାଣି ବହୁଛି। ଫଳରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ମଶାମାଛି ସଂଖ୍ୟା ବୃଦ୍ଧି ପାଉଛି। ରାସ୍ତା ଉପରେ ପାଣି ଯୋଗୁ ଛୋଟ ମୋଟ ଦୁର୍ଘଟଣା ଘଟୁଛି । ଏ ନେଇ ପଡାବାସୀ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀଙ୍କୁ ଗତ ୬ତାରିଖରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜିଯାଏ କିଛି ସୁଫଳ ମିଳିନାହିଁ। ସେହିପରି ସୋମବାର ସ୍ଥାନୀୟ ଲୋକେ ଏନ୍‌ଏସି ଅଫିସକୁ ଯାଇଥିଲେ ଏବଂ କୌଣସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ନ ପାରି ନିରାଶରେ ଫେରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀଙ୍କୁ ପଚାରିବାରୁ ଉକ୍ତ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଏବେ ଛୁଟିରେ ଅଛନ୍ତି। ସେ ଆସିଲେ ଦେଖିବା ବୋଲି କହିଛନ୍ତି।



ରାସ୍ତା ଉପରେ ପାଇଖାନା ପାଣି ।

## ମହମ୍ମଦ ସଲିମ୍ ପ୍ରିମିୟର ଲିଗ୍ କ୍ରିକେଟ୍

# ବରଗଡ଼ ବୁଲ୍ସ ଚାମ୍ପିୟନ

**ବରଗଡ ଅଫିସ୍,୧୨।୬**

ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସ୍ଥାନୀୟ ବ୍ଲୁ ଡ଼ାଇମଣ୍ଡ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମହମ୍ମଦ ସଲିମ୍ ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ବରଗଡ଼ ବୁଲ୍ସ ପ୍ରତିପକ୍ଷ ବରଗଡ ଟାଇଟନ୍ସକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ବରଗଡ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଶୁଭମ ଦାସଙ୍କ ୩୩ ରନ୍, ହିମାଂଶୁ ଭୋଇଙ୍କ ୨୬ ରନ୍ ଓ ଅକ୍ଷୟ ଡନସନାଙ୍କ ୨୪ ରନ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବରଗଡ ବୁଲ୍ସ ପକ୍ଷରୁ ସୁଶାନ୍ତ ଗୁପ୍ତା ୩୪ରନ ବିନିମୟରେ ୨, ଦୀପକ ଜୟପୂରିଆ ୨୩ରନ୍ ବିନିମୟରେ ୨, ଦେବବ୍ରତ ପ୍ରଧାନ ୨୫ରନ୍ ବିନିମୟରେ ୧, ଅମରଜିତ ସିଂ ୨୯ ରନ୍ ବିନିମୟରେ ୧ ଏବଂ ଅଜିତ ସ୍ୱାଇଁ ୧୮ରନ୍ ବିନିମୟରେ ୧ଟି ଉଇକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ବରଗଡ ବୁଲ୍ସ ଦଳର ମଳୟ ହାତୀଙ୍କ ୩୫ ରନ୍, ସଞ୍ଜୟ ଡୁଙ୍ଗୁରିଙ୍କ ୩୪ ରନ୍, ଘନଶ୍ୟାମ ମେହେରଙ୍କ ୨୪ ରନ୍, ଅବିନାଶ ସିଂଙ୍କ ୨୦ ରନ୍ ସହାୟତାରେ ୧୫.୨ ଓଭରରେ ୫ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ପ୍ରତିପକ୍ଷ ଦଳର ବାଦଲ ପରଦେଶୀ ୧୯ରନ ବିନିମୟରେ ୨, ଆଜାଦ ପ୍ରଧାନ ୩୬ ରନ୍ ବିନିମୟରେ ୨ ଓ ଦୀପକ ସାହୁ ୨୩ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ। ଅକ୍ଷୟ ସାହାଣୀ ଓ ହନୁ ଅଗ୍ରୱାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ସ୍କୋରର ଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଜିଲା କ୍ରିକେଟ୍ ଆସୋସିଏଶନ ସଭାପତି ହରିହର ପ୍ରଧାନ, ଉପ ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରୀଡ଼ା ସଂସଦ କାଉନସିଲ ସଦସ୍ୟ ଦିଲୀପ ସାୱଡ଼ିଆ, କ୍ରୀଡ଼ା ସଂସଦ ଫୁଟବଲ ସମ୍ପାଦକ ସେକ୍ ସବଦର, ନନ୍ଦନ ମହାନନ୍ଦ, ଅମିୟ ଶର୍ମା, ମହମ୍ମଦ ଜମିର ଓ ମହମ୍ମଦ ସମୀର, ମନୋଜ ସିଂ, ବ୍ଲୁ ଡ଼ାଇମଣ୍ଡ କ୍ଲବ ସଭାପତି ଅମିୟ ଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ଚାମ୍ପିୟନ, ରନର୍ସ ଅପ୍ ଦଳ ସମେତ ଶ୍ରେଷ୍ଠ ବିବେଚିତ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଚାମ୍ପିୟନ ବରଗଡ ବୁଲ୍ସ ଦଳକୁ ଟ୍ରଫି ସହ ନଗଦ ୫୦ହଜାର ଟଙ୍କା ଏବଂ ରନର୍ସ ଅପ୍ ବରଗଡ ଟାଇଟନ୍ସ ଦଳକୁ ଟ୍ରଫି ସହ ନଗଦ ୩୦ହଜାର ଟଙ୍କା ସହିତ ପୁରସ୍କୃତ କରାଯାଇଥିଲା। ସେହିପରି ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳି ସୁଶାନ୍ତ ଗୁପ୍ତା, ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଆଜାଦ ପ୍ରଧାନ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରାକେଶ ସିଂ, ଶ୍ରେଷ୍ଠ ବୋଲର ଭାବେ ପରଦେଶୀ ନିଶାଦ, ସର୍ବାଧିକ ଛକା ପାଇଁ ଅମିତ ମହାରଣା, ସେଫ୍ ହ୍ୟାଣ୍ଡସ ପାଇଁ ମଳୟ ହାତୀ, ଶ୍ରେଷ୍ଠ ପ୍ରତିଭାବାନ ଯୁବ ଖେଳାଳି ଭାବେ ସେକ୍ ହେୟାତଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ବ୍ଲୁ ଡ଼ାଇମଣ୍ଡ କ୍ଲବର ସମ୍ପାଦକ ୱାସିମ ରାଜାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିବୃନ୍ଦ।

## ସଂକ୍ଷେପରେ

### ଜମି ଫେରାଇବାକୁ ପରିବାରର ଦାବି

ସମ୍ବଲପୁର,୧୨।୬(ବ୍ୟୁରୋ): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତବଡାବାହାଲ ପଞ୍ଚାୟତ ଭୋଇମୁଣ୍ଡା ଗ୍ରାମରେ ରହୁଥିବା ଏକ ପରିବାରର ଜମିକୁ ଜାଲିଆତି କରି ବିକ୍ରି କରାଯାଇଛି। ଜମି ଫେରାଇବାକୁ ଜମିହରା ପରିବାର ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବି କରିଛନ୍ତି। ଅଭିଯୋଗ କ୍ରମେ ଭୋଇମୁଣ୍ଡା ଗ୍ରାମର ଡାକ୍ତର ଖଡିଆଙ୍କ ପରିବାର ନାମରେ ଥିବା ୧ ଏକର ୬୪ ଡେସିମିଲ ଜମି ରହିଥିଲା। ଜଣେ ବ୍ୟକ୍ତି ତାଙ୍କ ଅଜାଣରେ ଜାଲିଆତି କରି ଅନ୍ୟ ଜଣକୁ ବିକ୍ରି କରିଦେଇଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଦାବି କରିଥିଲେ।

### ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୨।୬(ବ୍ୟୁରୋ): ଧନକଉଡ଼ା ବ୍ଲକ କୁଦଗୁଣ୍ଡେରପୁର ଗ୍ରାମର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୁଦଗୁଣ୍ଡେରପୁର ପଞ୍ଚାୟତ ସଂଗ୍ରାମୀ ସମିତି ସଭାପତି ସ୍ୟୋମିତ୍ରି ପାଢ଼ୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ। କୁଦଗୁଣ୍ଡେରପୁର ବ୍ରିଜ ଉପରେ ଲାଇଟ୍ ବ୍ୟବସ୍ଥା ସହ ଏକ ପିଏଚ୍‌ସି ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୨ମାସ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନ କରିବାକୁ ସେ ଚେତାବନୀ ଦେଇଥିଲେ।

### ପତ୍ରାପାଲିରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

କୁଚିଣ୍ଡା,୧୨।୬(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ପରୁଆଭାଡ଼ି ପଞ୍ଚାୟତର ପତ୍ରାପାଲି ସ୍କୁଲରେ ତାଲୁକ ଆଇନସେବା କମିଟି ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ କୁଚିଣ୍ଡା ସବ୍‌ଜଜ୍ ନିହାର ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରୋଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶିଶୁ କଲ୍ୟାଣ ସମିତି ସଦସ୍ୟ ପ୍ରଦୀପ କୁମାର ମହାକୁଲ, ପତ୍ରାପାଲି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବିଭୁତି ଭୂଷଣ ପୃଷ୍ଟେଠ ଓ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଙ୍ଗନୱାଡ଼ି କର୍ମୀ ରୁବି ଦେହୁରି ଓ ରେଖାବତି ନାଏକ, ଆଶା କର୍ମୀ କୌଶଲ୍ୟା କୁସୁମ, ମାଧବିଲତା ସାହୁ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଦେବଗଡ, ୧୨।୬(ଡି.ଏନ.ଏ.): ଦେବଗଡ ଡିସିବି ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ପରିସରରେ ସୋମବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ବିଳାସିନୀ ଦିବେଦୀ ଦେବଗଡ ସହର ଓ ଆଖପାଖ ଅଞ୍ଚଳର ୫୦ଜଣଙ୍କ ସ୍ୱାସ୍ଥ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଶାଖା ପରିଚାଳକ ଜୀବନ ଦାଶ, ବ୍ୟାଙ୍କ କର୍ମଚାରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ, ବଟକୃଷ୍ଣ ସାହୁ, ସୁରମ ସାହୁ, ଆକାଶ ମେହେର, ଅଭିଜିତ ନାଏକ, ମହମ୍ମଦ ରକ୍ତିୟାମ ପ୍ରମୁଖ ସହଯୋଗ କରିଥିଲେ।

# ୨୦ବର୍ଷର ରେକର୍ଡ ଭାଙ୍ଗିଲା ସମ୍ବଲପୁର

## ୪୬.୧ ଡିଗ୍ରୀ ସହ ରାଜ୍ୟରେ ଉତ୍ତପ୍ତ ସହର

ସମ୍ବଲପୁର,୧୨।୬(ବ୍ୟୁରୋ)

୨୦ବର୍ଷର ରେକର୍ଡ ଭାଙ୍ଗି ରାଜ୍ୟରେ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି ସମ୍ବଲପୁର। ସୋମବାର ଏଠାରେ ତାପମାତ୍ରା ୪୬.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୨୦୦୩ରେ ୪୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ୧୯୯୮ରେ ତାପମାତ୍ରା ୪୬ ଡିଗ୍ରୀରୁ ଅଧିକ ରହିଥିବାବେଳେ ଅନେକ ଧନଜୀବନ ନଷ୍ଟ ହୋଇଥିଲା । ପ୍ରାୟ ୧୫ଦିନ ହେଲା ସମ୍ବଲପୁର ଜିଲାରେ ୪୩ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି। ପ୍ରଚଣ୍ଡ ଗ୍ରୀଷ୍ମତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। କେବଳ ମଣିଷ ନୁହେଁ, ଗୃହପାଳିତ ପ୍ରାଣୀ, ବନ୍ୟପ୍ରାଣୀ ମଧ୍ୟ ସନ୍ତୁଳି ହେଉଛନ୍ତି। ଘରେ କୁଲର, ଏସି ଥିଲେ ମଧ୍ୟ ତାହା କାମରେ ଆସୁ ନାହିଁ। ଘରେ ଘରେ ଝାଡାବାନ୍ତି ଆକ୍ରାନ୍ତ ହେଉଛନ୍ତି । ଆହୁରି ଏକସପ୍ତାହ ପର୍ଯ୍ୟନ୍ତ ଏଭଳି ତାତି ଲାଗିରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଉଥିବାରୁ ଲୋକମାନଙ୍କ ମନରେ ଭୟ ସୃଷ୍ଟି ହେଉଛି। ସକାଳ ହେଲା ମାତ୍ରେ ଅତି ଜରୁରୀ କାମ ସାରି ଲୋକମାନେ ଘର ଭିତରକୁ ଚାଲିଯାଉଛନ୍ତି। ପୂର୍ବାହ୍ନରୁ ସନ୍ଧ୍ୟା ହେବା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଚଳିତ ଗ୍ରୀଷ୍ମ ସମୟରେ କାଳବୈଶାଖୀର ବିଶେଷ ପ୍ରଭାବ ଦେଖିବାକୁ ମିଳି ନ ଥିବାରୁ ଏଭଳି ଅବସ୍ଥା ଜାରି ରହିଛି। କଂକ୍ରିଟ୍ ଜଙ୍ଗଲ ସୃଷ୍ଟି ସାଙ୍ଗକୁ ପ୍ରାକୃତିକ ସମ୍ପଦର କ୍ଷୟ ଯୋଗୁ ଗ୍ରୀଷ୍ମର ପ୍ରକୋପ ଦେଖିବାକୁ ମିଳୁଛି। ସହରକୁ ଶୀତଳତା ପ୍ରଦାନ କରୁଥିବା ପ୍ରାୟ ୧୦୦ଟି ପୋଖରୀ ମଧ୍ୟରୁ ଅନେକ ରକ୍ଷଣାବେକ୍ଷଣ ଅଭାବରୁ ସମ୍ବଲପୁରର ତାପମାତ୍ରା ବଢ଼ି ଚାଲିଥିବା ବିଶେଷଜ୍ଞ ମତ ଦେଉଛନ୍ତି। ଜଳ ସଂରକ୍ଷଣ, ଭୂତଳ ଜଳର ସୁରକ୍ଷା ଓ ବ୍ୟାପକ ବୃକ୍ଷରୋପଣ ଦ୍ୱାରା ହିଁ ସହର ପରିବେଶ ଶୀତଳ ରଖାଯାଇପାରିବ। ସମ୍ବଲପୁର ସହର ଗତ କିଛିବର୍ଷ ହେଲା ବ୍ୟାପକ ଭାବରେ ସମ୍ପ୍ରସାରିତ ହୋଇଛି। ଏହି ସମୟରେ ସହରର ପୂର୍ବସ୍ଥିତି ବଜାୟ ରଖିବାକୁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ମତପ୍ରକାଶ ପାଉଛି।



ଖରାରୁ ରକ୍ଷା ପାଇବା ପାଇଁ ମୁହଁରେ କପଡା ବାନ୍ଧିଛନ୍ତି ଦୁଇ ବାଇକ ଆରୋହୀ ।

# ୪୫ କେଜି ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

ସମ୍ବଲପୁର,୧୨।୬(ବ୍ୟୁରୋ)

ସମ୍ବଲପୁର ଗୋଇନ୍ଦା ଅବକାରୀ ବିଭାଗ ଅଇଁଠାପାଲି ଛକରେ ଚଢାଉ କରି ୪୫ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲାର ସମାରୁ ବାରିକ ଓ ସଞ୍ଜୟ ସାହୁ। ସେମାନଙ୍କନିକଟରୁ ଏକ କାର୍ (ଓଡି୧୬ସି-୮୭୦୮) ମଧ୍ୟ ଜବତ ହୋଇଛି। ସୂଚନା ଅନୁସାରେ ସୁବର୍ଣ୍ଣପୁର ଜିଲାରୁ ସୁନ୍ଦରଗଡ଼ ଜିଲାକୁ ବେଆଇନ ଭାବରେ ଗଞ୍ଜେଇ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ ବାହାରିଥିଲା। କାର୍ ସହ ଜବତ ଗଞ୍ଜେଇର ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଗୋଇନ୍ଦା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଧୁମ୍‌ଧାମରେ ପାଳନ ହେବ ସମ୍ବଲପୁରୀ ଦିନ



ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୨।୬(ବ୍ୟୁରୋ)

ସମ୍ବଲପୁରୀ ଦିନ ଧୁମ୍‌ଧାମରେ ପାଳନ ହେବ। ସମ୍ବଲପୁର କଳାସଂସ୍କୃତିର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ କରାଯିବ ବୋଲି ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମତପ୍ରକାଶ ପାଇଥିଲା। ଆଲୋଚନାରେ ଆବାହକ ଭବାନୀଶ ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ରାଜେଶ ସ୍ୱାଇଁ, ସୁରେନ୍ଦ୍ର ବଗର୍ତ୍ତୀ, ପଙ୍କଜିନୀ ମେହେର, ଶଙ୍କର ମେହେର, କାନ୍ତି ମେହେର, ଡ. ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମଦିନକୁ ୨୦୧୩ରୁ ସମ୍ବଲପୁରୀ ଦିନ ଭାବରେ ପାଳନ କରାଯାଇଆସୁଛି। ସମ୍ବଲପୁରୀ ସାଧକ କବି କଳାକାରଙ୍କୁ ଏକଜୁଟ କରିବା ଲକ୍ଷ୍ୟରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆୟୋଜନ ହେଉଛି। ପ୍ରାରମ୍ଭରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ତଥା ଭୁବନେଶ୍ୱର ଶାଖାର ପ୍ରତିଷ୍ଠାତା ସଂଯୋଜକ ମାନସରଞ୍ଜନ ଜୟପୁରିଆଙ୍କ ସ୍ମୃତିଚାରଣ କରାଯାଇ ଥିଲା ।

## ପାଣ ସମାଜ କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

କୁଚିଣ୍ଡା,୧୨।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ପଞ୍ଚାୟତ ରାମତିଲେଇମାଲ ଗ୍ରାମରେ ରବିବାର କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଲକ୍ଷେଘର ପାଣ ସମାଜର କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ପାଣ ସମାଜ ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଖାନା କୋଠା ନିର୍ମାଣ ନିମ୍ନମାନର ଅଭିଯୋଗ

କୁଚିଣ୍ଡା,୧୨।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁନ୍ତରା ପଞ୍ଚାୟତର ତୁରେଇନିକ୍ରିମାଲଠାରେ ଚାଲିଥିବା ଡାକ୍ତରଖାନା ନୂତନ କୋଠା ନିର୍ମାଣ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର କୁଚିଣ୍ଡାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଲିଖିତ ଅଭିଯୋଗ କରି ଏ ଦିଗରେ ପଦକ୍ଷେପ ନେବାକୁ ଗୁହାରି କରିଛନ୍ତି। ତୁରେଇନିକ୍ରିମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନରୁ ୨କୋଟି ଟଙ୍କା ବିନିମୟରେ ହେବାକୁ ଥିବା ନୂତନ କୋଠାରେ ଆରମ୍ଭରୁ ହିଁ ଅନିୟମିତତା ଅଭିଯୋଗ ଆସିଛି। ସୂଚନାଫଳକରେ ସମ୍ପୂର୍ଣ୍ଣ ବିବରଣୀ ରହିବା ନିୟମ ରହିଥିଲେ ମଧ୍ୟ ଏଠାରେ ଉଲ୍ଲଂଘନ କରାଯାଇଥିବା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ୨ମାସ ପୂର୍ବରୁ ଆରମ୍ଭ ହୋଇଥିବା କାମର ଫାଉଣ୍ଡେଶନ ଅତି ନିମ୍ନମାନର ହୋଇଛି। କଲମଗୁଡିକରେ ଡବଲ ଜାଲି ଦେବା ବଦଳରେ ସିଙ୍ଗଲ ଜାଲି ଦେବା, ୨୦ଏମ୍‌ଏମ୍ ସ୍ଥାନରେ ୧୨/୧୬ ଏମ୍‌ଏମ୍ ରଡରେ କଲମ କରିବା, ଏଥିରେ ପୁଣି ପାଣ୍ଡର ଭଳି ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଇଥିବାରୁ କୋଠାର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ ଅନନ୍ୟା ଦାସ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଶୁଣାଣି କରି ଏହାର ତଦନ୍ତ କରି ପଦକ୍ଷେପ ନେବାକୁ କହିଛନ୍ତି।

# ଶିଶୁ ଶ୍ରମିକ ଉଚ୍ଛେଦ ନେଇ କର୍ମଶାଳା

ସମ୍ବଲପୁର,୧୨।୬(ବ୍ୟୁରୋ)

ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ଶିଶୁ ଶ୍ରମିକ ଉଚ୍ଛେଦକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ, ୟୁନିସେଫ ଓ ଏଡଏଟ ଆକ୍ସନ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ମମତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ଶ୍ରମିକ ଭାବେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ। ସେମାନଙ୍କ ସୁରକ୍ଷା ଓ ଶିକ୍ଷାଦାନ ପାଇଁ ସମାଜରେ ସବୁବର୍ଗର ଲୋକଙ୍କୁ କାମ କରିବାକୁ ହେବ। ଅଭିଭାବକମାନେ ମଧ୍ୟ ପିଲାମାନେ କିଭଳି ପାଠ ପଢିବେ ସେହି ଲକ୍ଷ୍ୟ ରଖନ୍ତୁ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ବିଡିଓ ନୀଳାମ୍ବର ମହାନନ୍ଦ ଯୋଗ ଦେଇ କହିଥିଲେ, ବ୍ଲକ ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ଆଗାମୀ ଦିନରେ ଏହା ବଜାୟ ରହିବ ବୋଲି କହିଥିଲେ। ଏଡଏଟ ଆକ୍ସନର ଜିଲା ସଂଯୋଜିକା ସୁନିତା ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସିଡିପିଓ ସବିତା ନାଏକ ପରିଚାଳନା କରିଥିଲେ। ବିଭିନ୍ନ ସମାଜିକ ଅନୁଷ୍ଠାନ ସଦସ୍ୟ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଆଇସିଡିଏ ସୁପରଭାଇଜର ଆରତି ମିଶ୍ର ଶେଷରେ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ଅନ୍ୟମାନେ।

## ଶିଶୁଙ୍କୁ କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ଲୋଇସିଂହା,୧୨।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷର ସେବା ଓ ସୁଶାସନ ପାଳନ ଅବସରରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକରେ ପ୍ରଥମ କେନ୍ଦ୍ର ଭାବେ ଏହା ଲୋକାର୍ପଣ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ମାର୍କେଡ ପ୍ରାଇସ ଯେ କୌଣସି ଓଷଧର ୫୦ରୁ ୯୦ ପ୍ରତିଶତ କମ ଦାମରେ ମିଳିବ। ସବୁବର୍ଗର ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ସମ୍ମାନୀତ ଅତିଥି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଶେଖରଲାଲ ପଧାନ କହିଛନ୍ତି ଲୋଇସିଂହାରେ ଏହି କେନ୍ଦ୍ରର ଆବଶ୍ୟକତା ରହିଥିଲା। ବିଶେଷ କରି ଏହି କେନ୍ଦ୍ର ଗରିବ ଲୋକଙ୍କୁ ସହାୟକ ହେବ ବୋଲି ସେ କହିଥିଲେ। ଏଠାକାର ଜନସାଧାରଣଙ୍କୁ ଆଉ ବଲାଙ୍ଗୀର କିମ୍ବା ଦୂରଦୂରାନ୍ତକୁ ଆଉ ଯିବାକୁ ପଡିବ ନାହିଁ ବୋଲି ଅନ୍ୟତମ ଅତିଥି ଡା ସୂର୍ଯ୍ୟକାନ୍ତ ମହାପାତ୍ର କହିଥିଲେ।

# ଗରିବଙ୍କ କଲ୍ୟାଣ ଯୋଜନା କରିଛି ଭାଜପା: ଧର୍ମଲାଲ



ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ।

ସମ୍ବଲପୁର୧୨।୬(ବ୍ୟୁରୋ)

ଗରିବଙ୍କ ପାଇଁ ସମର୍ପିତ ଭାଜପା ସରକାର। ଦୀର୍ଘ ୯ବର୍ଷ ହେଲା ଦଳ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନିଆଯାଉଛି। କୋଭିଡ୍ ଟିକାକରଣ, ପ୍ରଧାନମନ୍ତ୍ରୀ ଆବାସ, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ସବୁ କ୍ଷେତ୍ରରେ ଉନ୍ନତି ଆସିଛି ବୋଲି ତପସ୍ୱିନୀ ପ୍ରେକ୍ଷାଳୟରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଛତିଶଗଡ ଭିଲେଇ ବିଧାୟକ ଧର୍ମଲାଲ କୌଶିକ କହିଥିଲେ। ସେ କହିଥିଲେ, ରେଳସେବା ଆଧୁନିକରଣ, ନୂଆ ଷ୍ଟେଶନ ନିର୍ମାଣ, ଜାତୀୟ ରାଜପଥ ନିର୍ମାଣ ସହ ମେଡିକାଲ କଲେଜ, ଆଇଆଇଏମ୍, ଆଇଆଇଟି ପ୍ରତିଷ୍ଠା କରାଯାଇଛି। ନୂତନ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ। ଆତଙ୍କବାଦ କାର୍ଯ୍ୟକଳାପ ଉପରେ ରୋକ ଲଗାଯାଇଛି। ପଡୋଶୀ ଦେଶ ସହିତ ସୁସମ୍ପର୍କ ରଖି ଆଜି ଦେଶ ସୁନାମ ଅର୍ଜନ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ ।

# ସଭା, ସଚେତନତା ଶୋଭାଯାତ୍ରା

## ଶିଶୁ ଶ୍ରମିକ ବିରୋଧରେ ବିଶ୍ୱ ଦିବସ ପାଳନ

ଦେବଗଡ, ୧୨।୬(ଡି.ଏନ.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ଦେବଗଡ ତରଫରୁ ଜିଲାକୋର୍ଟ ପରିସରରେ ଶିଶୁ ଶ୍ରମିକ ବିରୁଦ୍ଧରେ ବିଶ୍ୱ ଦିବସ ସୋମବାର ପାଳିତ ହୋଇଯାଇଛି। ଫ୍ୟାମିଲି କୋର୍ଟ ଜଜ ଶ୍ରୀନିବାସ ପ୍ରତିହାରି, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୁଧିର କୁମାର ମିଶ୍ର, ସବଜଜ ସ୍ୱୟଂ ପ୍ରକାଶ ଦାସ, ଏସ୍‌ଡିଜେଏମ୍ ଲିଙ୍କିପ୍ରିୟା ସାହୁ, ସଚିବ ଜିଲା ଆଇନ ସେବା ପ୍ରାଧିକରଣ ଦେବଗଡଙ୍କ ଉପସ୍ଥିତିରେ ପାରାଲିଗାଲ ସ୍ୱେଚ୍ଛାସେବୀ ତଥା ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ଶ୍ରମିକ ବିରୁଦ୍ଧରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ପରେ ଜିଲା କୋର୍ଟ ପରିସରରେ ଉକ୍ତ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସୁଶ୍ରୀ ପିଙ୍କିରାଣୀ ନନ୍ଦ, ସଦସ୍ୟ ଟିକେଶ୍ୱର ଧଳ, ଆଡଭୋକେଟ ଦିଲୀପ କୁମାର ଗୁରୁ, ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିଶୁ ଓ ଅତିଥିମାନେ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କୁଚିଣ୍ଡା,୧୨।୬(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ସମ୍ବଲପୁର ଜିଲାପାଳ ଓ ଏସ୍‌ପିଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆସିଥିବା ମୋଟ ୯୪ ଅଭିଯୋଗ ମଧ୍ୟରୁ ୨୦ଟି ଗୋଷ୍ଠୀଗତ ଓ ୭୪ଟି ବ୍ୟକ୍ତିଗତ ଶୁଣାଣି ହୋଇଥିଲା। ଗୋଷ୍ଠୀଗତ ଅଭିଯୋଗ ମଧ୍ୟରେ କୁଚିଣ୍ଡା ବ୍ଲକର ଜନକଡିହି, ବୁଢାରଜା ଓ କିରାଶାସନଠାରେ ଆର୍‌ଏସ୍‌ଏ କମ୍ପାନୀ ପକ୍ଷରୁ ଚାଲିଥିବା ବ୍ୟାରେଜ କାମରେ ଖଣିଜ ସମ୍ପଦ ଲୁଟ୍ କରିବା, କୁଚିଣ୍ଡାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀ ପୂରଣ ସାଙ୍ଗକୁ ଅଚଳ ପାଠାଗାରକୁ ସଚଳ କରିବା, କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁରେ ନାବାଳିକା ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ଆଦିର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ଅଧିକାଂଶ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଏହି ଅବସରରେ ଜିଲାପାଳ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦୁଇ ହିତାଧିକାରୀଙ୍କୁ ହୁଇଲଚେୟାର, ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଶୁଣାଣିରେ ସମ୍ବଲପୁର ଜିଲାର ନୂତନ ଏସ୍‌ପି ମୁକେଶ କୁମାର ଭାମୁ, ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ରମେଶ ହାଁସଦା, କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ,ଏସ୍‌ଡିପିଓ ରାଜକିଶୋର ମିଶ୍ର, କୁଚିଣ୍ଡା ଏନ୍‌ଏସି ଇଓ ରିହାନ କ୍ଷେତ୍ରୀ, ବିଡ଼ିଓ ନିରଞ୍ଜନ ସା, ତହସିଲର ପ୍ରସନ୍ନ ଟେଟେଙ୍କ ସମେତ ସମସ୍ତ ଜିଲା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଜିଲାପାଳ, ଏସ୍‌ପି।

